## ଆଜି କ'ଣ କେଉଁଠି

**ଅନୁଗୋଳ**

- ଜିଲା ଭାଜପା କମିଟି ବୈଠକ
ସ୍ଥାନ– ଜିଲା କଳାକେନ୍ଦ୍ର
ସମୟ– ପୂର୍ବାହ୍ନ ୧୦.୩୦।
- ଗୃହ କମିଟିର ସମୀକ୍ଷା
ସ୍ଥାନ– ସର୍କିଟ ହାଉସ
ସମୟ– ଅପରାହ୍ନ ୧ଟା ୩୦।

## ସଂକ୍ଷେପରେ

### ଜିଲା ମହୋତ୍ସବ ନେଇ ୧୦ରେ ବୈଠକ

ଅନୁଗୋଳ ଅଫିସ, ୬।୧- ଅନୁଗୋଳ ଜିଲା ମହୋତ୍ସବକୁ ନେଇ ଯେଉଁ କଳ୍ପନା ଜଳ୍ପନା ଲାଗି ରହିଥିଲା ସୋମବାର ତାହାର ଅନ୍ତ ହୋଇଛି। ଏହି ମହୋତ୍ସବ କେବେ କରାଯିବ ସେ ସମ୍ପର୍କରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନିଆଯିବ। ଏ ନେଇ ସନ୍ଧ୍ୟାରେ ଜିଲାପାଳ ମନୋଜ କୁମାର ମହାନ୍ତି ତାଙ୍କ କାର୍ଯ୍ୟାଳୟରେ ଏକ ବୈଠକ ଡକାଇବା ସହ ବିଭିନ୍ନ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଉକ୍ତ ମହୋତ୍ସବ କିପରି ଶୃଙ୍ଖଳିତ ଓ ଆକର୍ଷଣୀୟ କରାଯାଇପାରିବ ସେ ସମ୍ପର୍କରେ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ପଚାରି ବୁଝିଥିଲେ। ଉକ୍ତ ବୈଠକରେ ଅତିରିକ୍ତ ଜିଲାପାଳ, ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକଙ୍କ ସହ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା ୧୦ ତାରିଖରେ ସାଧାରଣ ପରିଷଦ ବୈଠକ ଡକାଯାଇ ଜିଲା ମହୋତ୍ସବ ସମ୍ପର୍କରେ ଆଲୋଚନା କରାଯିବ ବୋଲି ସ୍ଥିର କରାଯାଇଥିବା ସୂଚନା ମିଳିଛି।

### ଯାତ୍ରୀ ବିଶ୍ରାମାଗାର କାର୍ଯ୍ୟକ୍ଷମ ଦାବି

ତାଳଚେର,୬।୧(ନି.ପ୍ର.)- ତାଳଚେର ହାଟତୋଟା ମୁଖ୍ୟ ବଜାରରେ ଥିବା ଯାତ୍ରୀ ବିଶ୍ରାମାଗାରକୁ ଜବରଦଖଲ ମୁକ୍ତ ତଥା ପୁନଃ କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ଜନସାଧାରଣ ଜିଲାପାଳଙ୍କଠାରେ ଦାବି କରିଛନ୍ତି। ଅଭିଯୋଗରେ ସେମାନେ ଦର୍ଶାଇଛନ୍ତି ଯେ, ହାଟତୋଟାଠାରେ ଏକ ଯାତ୍ରୀ ବିଶ୍ରାମାଗାର ରହିଥିଲା। ତାହାକୁ ସୁରକ୍ଷିତ ରଖିବା ପାଇଁ ପୌର କର୍ତ୍ତୃପକ୍ଷ ସେଥିରେ ଏକ ଶଟର ଲଗାଇଥିଲେ। କିନ୍ତୁ ଦୀର୍ଘଦିନ ହେଲା ଉକ୍ତ ଶର୍ଟର ଖୋଲାଯାଇ ନାହିଁ। ଫଳରେ ବିଭିନ୍ନ ସ୍ଥାନକୁ ଯିବାକୁ ବସ୍‌କୁ ଅପେକ୍ଷା କରୁଥିବା ଜନସାଧାରଣ, ଛାତ୍ରୀଛାତ୍ର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ପୌର କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରାଯିବା ପରେ ମଧ୍ୟ ବିଶ୍ରାମାଗାର କାର୍ଯ୍ୟକ୍ଷମ କରାଯାଉ ନାହିଁ। ସୋମବାର କେତେଜଣ ବ୍ୟକ୍ତି ଉକ୍ତ ଘରକୁ ଭଙ୍ଗାରୁଜା କରୁଥିବାରୁ ତୁରନ୍ତ ଏହାକୁ ଜବରଦଖଲମୁକ୍ତ କରି ଜନସାଧାରଣଙ୍କ ସ୍ୱାର୍ଥରେ ଲଗାଇବାକୁ ଦେବରଞ୍ଜନ ସାମଲ, ସାଗର ଦାସ, ନିରାକର ସାମଲ, ଏସ. ମିଶ୍ର, ଲୋଚନ ସିଂ, ଧୀରମୋହନ ରାୟ, ଆଶିଷ ସାହୁ ପ୍ରମୁଖ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି।

### ୪ର୍ଥ ଦିନରେ ଧାରଣା

ଛେଣ୍ଡିପଦା,୬।୧(ସ୍ୱ.ପ୍ର.)- ଛେଣ୍ଡିପଦା ବ୍ଲକ ଆଉଁଳି ଜଳସେଚନ ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ନିଯୁକ୍ତି ଦାବିରେ ଚାଲିଥିବା ଧାରଣା ସୋମବାର ୪ର୍ଥ ଦିନରେ ପହଞ୍ଚିଛି। ନିଯୁକ୍ତି ସମ୍ପର୍କରେ କର୍ତ୍ତୃପକ୍ଷ ଦେଇଥିବା ପ୍ରତିଶ୍ରୁତିକୁ ୧ ବର୍ଷ ବିତିଯାଇଥିଲେ ବି କୌଣସି ପଦକ୍ଷେପ ନିଆଯାଇ ନ ଥିବା ପ୍ରତିବାଦରେ ପୁରୁଣାଗଡ ଗ୍ରାମର ରୋହିତ ସାହୁ ଓ କର୍ଣ୍ଣପାଳ ଗ୍ରାମର ସନାତନ ସାହୁ ଏହି ଧାରଣା ଦେଇଥିବା ଜଣାପଡ଼ିଛି। ୪ ଦିନ ଧରି ଧାରଣା ଚାଲିଥିବାବେଳେ ବିଭାଗର କୌଣସି ଉଚ୍ଚ ଅଧିକାରୀ ପହଞ୍ଚି ନ ଥିବା ଜଣାପଡିଛି। କେବଳ ବିଭାଗୀୟ କନିଷ୍ଠଯନ୍ତ୍ରୀ ଦିଲୀପ ରଥ, ଫାଣ୍ଡି ଅଧିକାରୀ ୱାସିମ ଅବଦୁଲ ଖାନ, ଗ୍ରାମରକ୍ଷୀ ପହଞ୍ଚି ଧାରଣାରେ ବସିଥିବା ଦେଖି ଫେରିଯାଉଥିବା ଧାରଣାକାରୀ ପ୍ରକାଶ କରିଛନ୍ତି। ଯେ ପର୍ଯ୍ୟନ୍ତ ସମସ୍ୟାର ସମାଧାନ ନ ହୋଇଛି ଧାରଣାରୁ ଓହରିବୁ ନାହିଁ ବୋଲି ଧାରଣାକାରୀ ରୋହିତ ସାହୁ ଓ ସନାତନ ସାହୁ ପ୍ରକାଶ କରିଛନ୍ତି।

### ୪୦ ବର୍ଷରେ ପାଦ ଥାପିଲା ନାଲ୍‌କୋ

# ପ୍ରତିଷ୍ଠା ଦିବସ ପାଳନ ଆଜି



ବଅଁରପାଳ,୬।୧ (ଡି.ଏନ୍.ଏ.)

ଅନୁଗୋଳ ଜିଲା ନାଲ୍‌କୋ ପକ୍ଷରୁ ୪୦ତମ ପ୍ରତିଷ୍ଠା ଦିବସ ମଙ୍ଗଳବାର ପାଳନ କରାଯିବ। ଏଥିପାଇଁ ନାଲ୍‌କୋ କର୍ତ୍ତୃପକ୍ଷଙ୍କ ମଧ୍ୟରେ ବେଶ୍ ତତ୍ପରତା ପ୍ରକାଶ ପାଇଛି। ସନ୍ଧ୍ୟାରେ ମିନା ବଜାର ପଡ଼ିଆ ଠାରେ ଏହି ପ୍ରତିଷ୍ଠା ଦିବସ ଉତ୍ସବର ଆୟୋଜନ କରାଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଇନ୍‌କମ୍ ଟାକ୍ସ ପ୍ରିନ୍ସିପାଲ ଚିଫ୍ କମିଶନର ପ୍ରଣବ କୁମାର ଦାଶ ଯୋଗଦେବେ। ସେହିପରି ସମ୍ମାନିତ ଅତିଥି ଭାବେ ନାଲ୍‌କୋର ପୂର୍ବତନ ନିର୍ବାହୀ ନିର୍ଦ୍ଦେଶକ ଉମାବଲଭ ପଟ୍ଟନାୟକ, ଡିଆଇଜି ନିରସିଂହ ଭୋଳ, ଜିଲାପାଳ ମନୋଜ କୁମାର ମହାନ୍ତି, ଏସ୍‌ପି ଜଗମୋହନ ମୀନା, ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ୮ ତାରିଖ ଦିନ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ହାସ୍ୟ ଅଭିନେତା ପପୁ ପମ୍‌ପମ୍ ଯୋଗଦେବେ। ଏ ନେଇ ନାଲ୍‌କୋ ପକ୍ଷରୁ ଏକ ପ୍ରେସ୍ ବିବୃତି ପ୍ରକାଶ କରାଯାଇଛି। ଏଥିରେ କମ୍ପାନୀ ପକ୍ଷରୁ କରାଯାଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ସୂଚନା ଦିଆଯାଇଛି। ବିଶେଷକରି ରାସ୍ତା, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ପୋଖରୀ ପୁନରୁଦ୍ଧାର କାର୍ଯ୍ୟ, ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ତଥା ଓପିଡି ବ୍ୟବସ୍ଥା, ବେକାର ଯୁବତୀ ଓ ଯୁବକମାନଙ୍କୁ ତାଲିମ ଦିଆଯାଇ ନିଯୁକ୍ତି ସୁବିଧା, ଅଞ୍ଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ, ପରିବେଶ ସୁରକ୍ଷା, ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ସ୍କୁଲ ଗୁଡ଼ିକର ଉନ୍ନତୀକରଣ, ନାଲକୋ ଲାଡ୍‌ଲି ଯୋଜନାରେ ଗରିବ ଶ୍ରେଣୀର ମେଧାବୀ ଛାତ୍ରୀମାନଙ୍କୁ ପୁରସ୍କାର ପ୍ରଦାନ, ସ୍ୱଚ୍ଛଭାରତ ଅଭିଯାନ କାର୍ଯ୍ୟକ୍ରମ, ବିଭିନ୍ନ ସମୟରେ ଦିବ୍ୟାଙ୍ଗମାନଙ୍କୁ ସହାୟତା ପ୍ରଦାନ ତଥା ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ନାଲ୍‌କୋ ସଦାସର୍ବଦା ପ୍ରୟାସ ଜାରି ରଖିଛି ବୋଲି ଉକ୍ତ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

### କମ୍ପାନୀର ଅଗ୍ରଗତି ହେଲେ ଅଞ୍ଚଳବାସୀଙ୍କ ବିକାଶ ହେବ



ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋର ଅଗ୍ରଗତି ହେଲେ ଏହାର ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କ ବିକାଶ ହେବ। ନାଲ୍‌କୋ ସଦାସର୍ବଦା ଅଞ୍ଚଳବାସୀଙ୍କ ଉନ୍ନତି ପାଇଁ ପ୍ରୟାସ ଜାରି ରଖିଛି। ଏହି ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ କର୍ମଚାରୀ ଓ ଅଞ୍ଚଳବାସୀଙ୍କୁ ଶୁଭେଚ୍ଛା।

–ସତ୍ୟାନନ୍ଦ ସାହୁ, ମାନବ ସମ୍ବଳ ମହାପ୍ରବନ୍ଧକ

### ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଉନ୍ନତି ଜରୁରୀ



ଲାଭଦାୟକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନାଲ୍‌କୋ ଯେତେ ଉନ୍ନତି କରିବ କର୍ମଚାରୀଙ୍କ ସହ ପାରିପାର୍ଶ୍ୱିକ ଅଞ୍ଚଳର ସେତେ ବିକାଶ ହେବ। ନାଲ୍‌କୋର ପ୍ରତିଷ୍ଠା ଦିବସ ଅବସରରେ ସମସ୍ତ ଶ୍ରମିକ ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଆଲୁମିନିୟମ ମଜଦୁର ସଂଘ ପକ୍ଷରୁ ଶୁଭେଚ୍ଛା ଜଣାଯାଉଛି।

–ରମେଶ ଚନ୍ଦ୍ର ବେହେରା,
ସାଧାରଣ ସମ୍ପାଦକ,ଆଲୁମିନିୟମ ମଜଦୁର ସଂଘ

### ନାଲ୍‌କୋ ଦେଶର ଗୌରବ



ନାଲ୍‌କୋ ଦେଶର ଗୌରବ। ନାଲ୍‌କୋ ଯୋଗୁ ଓଡ଼ିଶାର ବିଭିନ୍ନ ସ୍ଥାନରେ ଉନ୍ନତିମୂଳକ କାର୍ଯ୍ୟ ହୋଇଆସୁଛି। ଏହି ପ୍ରତିଷ୍ଠା ଦିବସରେ ନାଲ୍‌କୋର ସମସ୍ତ କର୍ମଚାରୀ ଓ ପାରିପାର୍ଶ୍ୱିକ ଅଞ୍ଚଳବାସୀଙ୍କୁ ଅଭିନନ୍ଦନ ଜଣାଉଛି।

–ବିନୋଦ ବିହାରୀ ସେଠ, ସଭାପତି, ନେପୁ

### ସଫଳତାର ଶୀର୍ଷରେ ନାଲ୍‌କୋ



ବହୁ ଘାତପ୍ରତିଘାତ ଭିତରେ ନବରତ୍ନ କମ୍ପାନୀ ନାଲ୍‌କୋ ଗତି କରିଛି। ତେବେ ନୂତନ ସିଏମ୍‌ଡିଙ୍କ ଦିଗ୍‌ଦର୍ଶନ ଯୋଗୁ ପୁଣି ସଫଳତାର ଶୀର୍ଷରେ ନାଲ୍‌କୋ ପହଞ୍ଚିପାରିଛି। ତଥାପି କୋଇଲା, ପାଉଁଶ ନିଷ୍କାସନ ସମସ୍ୟା, ଲିମ୍ବଲୋରି ପ୍ରକଳ୍ପ ଓ ପୁରୁଣା ପ୍ଲାଣ୍ଟର ରକ୍ଷଣାବେକ୍ଷଣ ଏବଂ କର୍ମଚାରୀ ଅଭାବ ପୂରଣ ଦିଗରେ ଧ୍ୟାନ ଦିଆଯିବା ଦରକାର।

–ବିଭବ ଜେନା, ବରିଷ୍ଠ ଶ୍ରମିକ ନେତା

# ଛାତ୍ରୀଙ୍କୁ ଅପହରଣ ଉଦ୍ୟମ ଅଭିଯୋଗ

ବନ୍ତଳା/ଅନୁଗୋଳ ଅଫିସ, ୬।୧(ଡି.ଏନ.ଏ.)

- ଟିଉଶନ ଯାଉଥିବା ବେଳେ ଗାଡ଼ିରେ ଉଠାଇ ନେଇଥିଲେ
- ପାଟି କରିବାରୁ ୫ କି.ମି. ପରେ ଛାଡ଼ିଦେଇ ପଳାଇଲେ

ଅନୁଗୋଳ ଥାନା ଅଞ୍ଚଳର ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ସୋମବାର ସକାଳେ ଅପହରଣ ଉଦ୍ୟମ କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ୩ଜଣ ଦୁର୍ବୃତ୍ତ ଏକ ଟାଟା ମ୍ୟାଜିକରେ ସମ୍ପୃକ୍ତା ଛାତ୍ରୀଙ୍କୁ ଉଠାଇ ନେଇଥିଲେ ହେଁ ସେ ପାଟି କରିବାରୁ ୫ କି.ମି. ପରେ ଛାଡ଼ି ପଳାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅନୁଗୋଳ ପୋଲିସ ନଂ. ୧୮/୨୦ରେ ଏକ ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

ଅନୁଗୋଳ ଥାନାରେ ଛାତ୍ରୀଙ୍କ ବାପା ଅଭିଯୋଗ କରିଛନ୍ତି ଯେ, ସକାଳ ୭ଟା ବେଳେ ତାଙ୍କ ଝିଅ ସାଇକେଲରେ ଟିଉଶନ ଯାଉଥିଲେ। ଏହି ସମୟରେ ଏକ ନାଲି ରଙ୍ଗର ଟାଟା ମ୍ୟାଜିକ୍‌ରେ ୩ଜଣ ଦୁର୍ବୃତ୍ତ ଆସି ଝିଅଙ୍କୁ ଅପହରଣ କରି ନେଇଥିଲେ। ଝିଅ ପାଟି କରିବାରୁ ତାଙ୍କୁ ୫ କିଲୋମିଟର ଦୂରରେ ଛାଡ଼ି ଫେରାର ହୋଇଯାଇଥିଲେ। ସ୍ଥାନୀୟ ଅଞ୍ଚଳର ଜଣେ ବ୍ୟକ୍ତି ଉଦ୍ଧାର କରି ଉକ୍ତ ଗାଁ ଛକକୁ ଆଣିବା ସହ ତାଙ୍କୁ ଫୋନ କରିବା ପରେ ସେ ଝିଅଙ୍କୁ ଘରକୁ ଆଣିଥିଲେ। ତୁରନ୍ତ ସମ୍ପୃକ୍ତ ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ରୀଙ୍କ ବାପା ଦାବି କରିଛନ୍ତି। ଏ ସମ୍ପର୍କରେ ଆଇଆଇସି ରମେଶ ଚନ୍ଦ୍ର ବିଶୋଇ କହିଛନ୍ତି, ମାମଲା ରୁଜୁ ପରେ ଏସ୍‌ଆଇ ସତ୍ୟରଞ୍ଜନ ଲେଙ୍କା ଘଟଣାସ୍ଥଳକୁ ଯାଇ ରାତିରେ ତଦନ୍ତ କରିଛନ୍ତି।

# ୮୮ ଅଭିଯୋଗର ଶୁଣାଣି



ଶିବିରରେ ଅଭିଯୋଗର ଶୁଣାଣି ଚାଲିଛି।

ତାଳଚେର,୬।୧(ନି.ପ୍ର.)

ତାଳଚେର ପଞ୍ଚାୟତ ସମିତି ସଭାଗୃହ ପରିସରରେ ସୋମବାର ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତି, ଆରକ୍ଷୀ ଅଧୀକ୍ଷକ ଜଗମୋହନ ମୀନା, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଏସ୍‌ଡିପିଓ ସିଦ୍ଧାର୍ଥ କାଟାରିଆ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ୭୪ଟି ବ୍ୟକ୍ତିଗତ ଓ ୧୪ଟି ସାମୂହିକ ଅଭିଯୋଗକୁ ମିଶାଇ ମୋଟ୍ ୮୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ୨ଜଣ କ୍ୟାନସର ରୋଗୀଙ୍କୁ ରେଡକ୍ରସ ପାଣ୍ଠିରୁ ଜିଲାପାଳ ୧୦ ହଜାର ଟଙ୍କାର ସହାୟତା ପ୍ରଦାନ କରିଥିଲେ। କଟକ ମହାନଦୀ ବସ୍ ଦୁର୍ଘଟଣାର ୨ଜଣ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଏବଂ ୪ ଜଣ ଦୁର୍ଘଟଣାଗ୍ରସ୍ତଙ୍କୁ ୨ଲକ୍ଷ ଟଙ୍କା ଇ–ପେମେଣ୍ଟ ମାଧ୍ୟମରେ ଯଥାଶୀଘ୍ର ପ୍ରଦାନ କରିବାକୁ ଜିଲାପାଳ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ବିଭାଗର ଅଧିକାରୀମାନେ ଶୁଣାଣିରେ ଉପସ୍ଥିତ ଥିଲେ।

### ମଣ୍ଡି ଖୋଲିବାରେ ବିଳମ୍ବ

# ପ୍ରତିବାଦରେ ଚାଷୀଙ୍କ ଧାରଣା

ବନ୍ତଳା,୬।୧(ଡି.ଏନ.ଏ.)



ସମିତି ସମ୍ମୁଖରେ ଧାରଣା ଦେଇଥିବା ଚାଷୀମାନେ।

ଧାନମଣ୍ଡି ଖୋଲାଯିବାରେ ବିଳମ୍ବ ପ୍ରତିବାଦରେ ଅନୁଗୋଳ ବ୍ଲକ ମାଟିଆସାହି ପଞ୍ଚାୟତ ପୁରୁଣାଗଡ଼ରେ ଥିବା ସେବା ସମବାୟ ସମିତି ସମ୍ମୁଖରେ ସୋମବାର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଧାରଣା ଦେଇଥିଲେ। ଚାଷୀମାନେ ଅଭିଯୋଗ କରିଛନ୍ତି ଯେ, ଜିଲାର ବିଭିନ୍ନ ସମବାୟ ସମିତିରେ ଧାନମଣ୍ଡି ଖୋଲାଗଲାଣି। ସେଠାରେ ଅନେକ ଚାଷୀ ସେମାନଙ୍କ ଧାନ ବିକ୍ରି କରି ଟଙ୍କା ପାଇଲେଣି। ହେଲେ ମାଟିଆସାହି ପଞ୍ଚାୟତ ଅଧୀନରେ ଥିବା କରମଙ୍ଗା ସାହି (ପୁରୁଣାଗଡ଼) ସେବା ସମବାୟ ସମିତିରେ ଏଯାଏ ମଣ୍ଡି ଖୋଲାଯାଇ ନାହିଁ। ଫଳରେ ଧାନ ଅମଳ କରିଥିଲେ ବି ସ୍ଥାନୀୟ ଅଞ୍ଚଳର ଚାଷୀମାନେ ହାତବାନ୍ଧି ବସିଛନ୍ତି। ଏହି ସେବା ସମବାୟ ସମିତି ଉପରେ ମାଣିକଯୋଡି ଓ ଶରଧାପୁର ଅଞ୍ଚଳର ସମସ୍ତ ଚାଷୀ ନିର୍ଭର କରନ୍ତି। ତେଣୁ ଧାନମଣ୍ଡି ଖୋଲିବାରେ ବିଳମ୍ବ ହେଉଥିବା ପ୍ରତିବାଦରେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ କରମଙ୍ଗାସାହି ସେବା ସମବାୟ ସମିତି ଆଗରେ ଧାରଣା ଦେବା ସହିତ ଜିଲାପାଳଙ୍କ ଉଦ୍ଦେଶ୍ୟରେ ସମିତି ସେକ୍ରେଟାରି ଶଙ୍କର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଚାଷୀ ପୂର୍ଣ୍ଣଚନ୍ଦ୍ର ଭୂତିଆ, ଶେଷଦେ ଡାଙ୍ଗ, ପ୍ରଭାକର ପତି, ରଞ୍ଜନ ମହାକୁଡ଼, ପ୍ରମୋଦ କୁମାର ମହାନ୍ତି, ବିଶେଶ୍ୱର ଭୂତିଆ, କୁମୁଦ ଚନ୍ଦ୍ର ପଣ୍ଡା, ଅନ୍ତର୍ଯ୍ୟାମୀ ବାରିକ ପ୍ରମୁଖ ଧାରଣାରେ ବସିଥିବା ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ କରମଙ୍ଗାସାହି ସେବା ସମବାୟ ସମିତିର ସେକ୍ରେଟାରି ଶଙ୍କର ବେହେରା କୁହନ୍ତି, କିଛି ଅସୁବିଧା ଥିବାରୁ ମଣ୍ଡି ଖୋଲାଯିବାରେ ବିଳମ୍ବ ହେଉଛି। ଚାଷୀମାନଙ୍କୁ ହଇରାଣ କରିବା ଆମର ଉଦ୍ଦେଶ୍ୟ ନୁହେଁ। ଉପରିସ୍ଥ ଅଧିକାରୀଙ୍କ ସହିତ ଅଲୋଚନା କରି ସମସ୍ୟାର ସମାଧାନ କରାଯିବ। ଶୀଘ୍ର ଧାନ ମଣ୍ଡି ଖୋଲିବ ବୋଲି ବେହେରା ପ୍ରକାଶ କରିଛନ୍ତି।

### ଆଜି ଅନୁଗୋଳ ଗସ୍ତରେ ଆସୁଛନ୍ତି ଗୃହ କମିଟି

ଅନୁଗୋଳ ଅଫିସ, ୬।୧

ଯାଜପୁର ଜିଲା ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀଙ୍କ ଅଧ୍ୟକ୍ଷତାରେ ଗୃହ କମିଟିର ୨୨ ଜଣିଆ ସଦସ୍ୟ ମଙ୍ଗଳବାର ଅନୁଗୋଳ ଜିଲା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି କମିଟି ବୁକ୍ ସର୍କୁଲାର–୪୭ ବା ଜିଲାରେ ଥିବା ବିଧାୟକ ଓ ଏମ୍‌ପିଙ୍କ ସହ ଜିଲା ପ୍ରଶାସନର କିପରି ତାଳମେଳ ରହିଛି ତାହାର ଅନୁଧ୍ୟାନ କରିବେ। ପ୍ରତି ବିଭାଗ ପକ୍ଷରୁ ସରକାରଙ୍କ ନିକଟକୁ ପଠାଯାଉଥିବା ଚିଠିର ମଧ୍ୟ ସମୀକ୍ଷା କରିବେ। ବିଭିନ୍ନ ସମୟରେ ରାଜ୍ୟରେ କାର୍ଯ୍ୟ କରୁଥିବା ପ୍ରଶାସନିକ ଅଧିକାରୀମାନେ ସ୍ଥାନୀୟ ବିଧାୟକ ଓ ଏମ୍‌ପିଙ୍କ ବିକାଶମୂଳକ ପ୍ରସ୍ତାବକୁ ଗୁରୁତ୍ୱ ପ୍ରଦାନ କରନ୍ତିନାହିଁ। ତେଣୁ ଜିଲାରେ ଥିବା ପ୍ରଶାସନିକ ଅଧିକାରୀମାନେ କିପରି ସ୍ଥାନୀୟ ଜନପ୍ରତିନିଧିଙ୍କ ସହ ସମ୍ପର୍କ ରଖିଛନ୍ତି ସେ ନେଇ ଆସୁଥିବା ଗୃହ କମିଟି ଅନୁଧ୍ୟାନ କରିବେ। ଏହି କମିଟିରେ ବିଧାୟକ ପ୍ରଦୀପ କୁମାର ଅମାତ, କିଶୋର କୁମାର ମହାନ୍ତି, ପ୍ରଫୁଲ୍ଲ ସାମଲ, ଦେବୀପ୍ରସାଦ ମିଶ୍ର, ଭୂପିନ୍ଦର ସିଂହ, ଅନନ୍ତ ଦାସ, ସାରଦା ପ୍ରସାଦ ନାୟକ, ସ୍ନେହାଙ୍ଗିନୀ ଛୁରିଆ, ସୁରେଶ କୁମାର ରାଉତରାୟ, ଅରବିନ୍ଦ ଢାଲି, ସୁବ୍ରତ ତରାଇ, ପ୍ରଶାନ୍ତ କୁମାର ମୁଦୁଲି, ଅଶ୍ୱିନୀ କୁମାର ପାତ୍ର, ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଶଙ୍କର ଓରାମ୍, ଦାଶରଥୀ ଗମାଙ୍ଗ, ଅଙ୍ଗଦ କନ୍ହର, ପ୍ରୀତମ ପାଢ଼ି, ସାବିତ୍ରୀ ଅଗ୍ରୱାଲା, ଗଣେଶ ରାମ୍ ସିଂହ ଖୁଣ୍ଟିଆ ଓ ଜୟନ୍ତ କୁମାର ଷଡ଼ଙ୍ଗୀ ପ୍ରମୁଖ ଆସିବାର କାର୍ଯ୍ୟକ୍ରମ ରହିଛି। ଏହି କମିଟି ଅପରାହ୍ନ ୧ଟାରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି।




## ଫଟୋରେ ଖବର




ଦିଲ୍ଲୀ ଜେଏନ୍‌ୟୁରେ ଛାତ୍ରୀଛାତ୍ରଙ୍କ ଉପରେ ହୋଇଥିବା ଆକ୍ରମଣକୁ ବିରୋଧ କରି ସୋମବାର ଅନୁଗୋଳ ଜିଲା ବିଜୁ ଛାତ୍ର ଜନତା ଦଳର ଜିଲା ସଭାପତି ରାଜୀବ ଲୋଚନ ଦାସଙ୍କ ନେତୃତ୍ୱରେ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।




# ହାତୀ ଉପଦ୍ରବ: ଫସଲ ନଷ୍ଟ

**ବଇଣ୍ଡା,୬।୧(ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ରେଞ୍ଜ ବିଲେଇନାଳୀ, ଗରୁଡ, ଗୋବିନ୍ଦପୁର, ଉରୁକୁଳା ଆଦି ଅଞ୍ଚଳରେ କିଛିଦିନ ହେବ ହାତୀ ଉପଦ୍ରବ ଲାଗି ରହିଛି। ୪ ରୁ ୫ଟି ହାତୀ ପ୍ରତିଦିନ ରାତିରେ ଗ୍ରାମାଭିମୁଖୀ ହୋଇ ଧନ ଫସଲ ନଷ୍ଟ କରୁଛନ୍ତି। ଅନେକ ଚାଷୀ ଧାନ ବେଙ୍ଗଳା କରି ନ ପାରି ଖଳାରେ ଗଚ୍ଛିତ କରି ରଖିଥିବାବେଳେ ହାତୀମାନେ ଖଳାରୁ ତାହାକୁ ଖାଇ ନଷ୍ଟ କରି ଦେଉଛନ୍ତି। ସେହିପରି ପନିପରିବା ଫସଲ ପାଦରେ ଦଳି ନଷ୍ଟ କରୁଛନ୍ତି। ତୁରନ୍ତ ବନ ବିଭାଗ ପକ୍ଷରୁ ହାତୀ ଘଉଡାଇବା ସହ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି।



**SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୭୫୩୦୧୦

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

**ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ**

ଏତଦ୍‌ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡ଼ିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍‌ଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ / ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା | ସମ୍ପତ୍ତି ମାଲିକଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
| --- | --- | --- | --- | --- | --- |
| **ଋଣଗ୍ରହୀତା: ମେସର୍ସ ଷ୍ଟେଟ୍ ପଲି ପ୍ଲାଷ୍ଟ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ସନ୍ୟାସୀ ସାହୁ,** ପିତା: ସ୍ୱ କାଳନ୍ଦୀ ଚରଣ ସାହୁ, ସା/ପୋ: ଅଲବଗା, ଭାୟା: ଏଡ଼ତାଳ, ଥାନା: ବାସୁଦେବପୁର, ଭଦ୍ରକ, ଓଡ଼ିଶା | **ସମ୍ପତ୍ତି ମାଲିକ: ସ୍ୱ କାଳନ୍ଦି ଚରଣ ସାହୁ** | ସ୍ୱ କାଳନ୍ଦୀ ଚରଣ ସାହୁଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଅଲବଗା, ଥାନା: ବାସୁଦେବପୁର, ଖାତା ନଂ.: ୮୪, ପ୍ଲଟ୍ ନଂ.: ୧୧୮୬, କ୍ଷେତ୍ର: ଏକର୨.୨୦ଡିସିମିଲି ଏବଂ ଖାତା ନଂ.: ୫୯୫/୧୮୫, ପ୍ଲଟ୍ ନଂ.: ୧୨୬୩, କ୍ଷେତ୍ର: ଏକର୦.୫୬ଡିସିମିଲି, କିସମ: ଘରବାରୀ | ୨୬.୦୬.୨୦୧୯ | ୦୪.୦୧.୨୦୨୦ | ଟ.୩୫,୮୭,୩୦୫/– + ୨୬.୦୬.୨୦୧୯ ଠାରୁ ତତ୍‌ପରବର୍ତ୍ତୀ ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

ତାରିଖ: ୦୬.୦୧.୨୦୨୦, ସ୍ଥାନ: କଟକ

ସ୍ୱା/–କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ

## ସଂକ୍ଷେପରେ

### ଏସ୍‌ୟୁସିଆଇ ପକ୍ଷରୁ ଆଲୋଚନା ସଭା

ଛେଣ୍ଡିପଦା,୬।୧(ସ୍ୱ.ପ୍ର)- ଛେଣ୍ଡିପଦା ବ୍ଲକ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜରପଡା ଆଞ୍ଚଳିକ କମିଟି ପକ୍ଷରୁ ବର୍ତ୍ତମାନର ଜାତୀୟ ଅନ୍ତର୍ଜାତୀୟ ପରିସ୍ଥିତି ସମ୍ପର୍କରେ ଏକ ଆଲୋଚନା ସଭା ଦୁର୍ଗାପୁରଠାରେ ଅନୁଷ୍ଠିତ ହୋଇଯାଇଛି। କମିଟି ସମ୍ପାଦକ ସୁବାସ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆଲୋଚନା ସଭାରେ ଯୁବ ସଙ୍ଗଠକ ମାନସ ପାଲ ଯୋଗଦେଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ରାଜ୍ୟ ସମ୍ପାଦକ ତଥା କେନ୍ଦ୍ରୀୟ କମିଟି ସଭ୍ୟ ଧୂର୍ଜଟୀ ଦାସ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ କହିଲେ, ବର୍ତ୍ତମାନ ଦେଶର ଅର୍ଥନୈତିକ ବ୍ୟବସ୍ଥା ଚରମ ସଙ୍କଟ ଦେଇ ଗତି କରୁଛି। ବେକାରି ସମସ୍ୟା ସହିତ ଦରଦାମ ଆକାଶଛୁଆଁ ନେଇ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଅବସରରେ କେନ୍ଦ୍ରୀୟ ଶ୍ରମିକ ସଙ୍ଗଠନମାନଙ୍କ ପକ୍ଷରୁ ସରକାରଙ୍କ ଅନ୍ୟାୟ ନୀତି ବିରୋଧରେ ଆସନ୍ତା ୮ ତାରିଖରେ ଡାକରା ଦିଆଯାଇଥିବା ସର୍ବଭାରତୀୟ ଧର୍ମଘଟକୁ ସଫଳ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା। ଏହି ସଭାରେ ସଙ୍ଗଠନର ଜିଲା ସମ୍ପାଦକ ଭିକାରୀ ପ୍ରଧାନ, ନବକିଶୋର ପ୍ରଧାନ, ଶ୍ରମିକ ନେତା ଜୟସେନ ମେହେରଙ୍କ ସହ ସ୍ଥାନୀୟ ସଙ୍ଗଠକ, ସମର୍ଥକମାନେ ଉପସ୍ଥିତ ଥିଲେ।

### ଗାଡ଼ି ମୋଟର ଯାଞ୍ଚ

ବଇଣ୍ଡା,୬।୧(ଡି.ଏନ.ଏ.)- ୫୫ ନଂ. ଜାତୀୟ ରାଜପଥର ହଣ୍ଡପା ଥାନା ବଇଶଣା ନିକଟରେ ହଣ୍ଡପା ପୋଲିସ ପକ୍ଷରୁ ସୋମବାର ଗାଡିମୋଟର ଯାଞ୍ଚ କରାଯାଇଛି। ଉଭୟପାର୍ଶ୍ୱରୁ ଆସୁଥିବା ସମସ୍ତ ବାଇକ୍‌କୁ ଅଟକାଇ ହେଲମେଟ, କାଗଜପତ୍ର ଯାଞ୍ଚ କରାଯାଇଥିଲା। ୧୧ଟି ମାମଲା ରୁଜୁ କରାଯାଇ ୫୫୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ହଣ୍ଡପା ଥାନା ଏଏସ୍‌ଆଇ ପି.କେ. ଆଇଚ, ଆର.ସି ବିଶ୍ୱାଳ ଯାଞ୍ଚ କରିଥିଲେ।

### ବ୍ରାହ୍ମଣ ସମାଜ ବୈଠକ

ବଇଣ୍ଡା,୬।୧(ଡି.ଏନ.ଏ.)- କିଶୋରନଗର ବ୍ଲକ ବଇଣ୍ଡା ରାଧାକୃଷ୍ଣ ମନ୍ଦିର ପରିସରରେ ବ୍ରାହ୍ମଣ ସମାଜର ଏକ ବୈଠକ ସୋମବାର ଅନୁଷ୍ଠିତ ହୋଇଛି। ସ୍ୱପ୍ନେଶ୍ୱର ନନ୍ଦଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରକାଶଚନ୍ଦ୍ର ମିଶ୍ର, ଜଗତମୋହନ ମିଶ୍ର, ବୀର ଶତପଥୀ, ମିଟୁ ଶତପଥୀ, ସୁବାସ ଶତପଥୀ, ମଦନ ମୋହନ ମିଶ୍ର, ଅମିୟ ମିଶ୍ର, ସୁଜିତ ନନ୍ଦ, ସୁଶାନ୍ତ ପଣ୍ଡା, ଉପେନ୍ଦ୍ର ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସମାଜର ଆୟବ୍ୟୟ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ମନ୍ଦିର ପ୍ରତିଷ୍ଠା ପାଇଁ ରାଜାଙ୍କୁ ନିମନ୍ତ୍ରଣ

ଆଠମଲ୍ଲିକ,୬।୧(ଡି.ଏନ.ଏ.)- କିଶୋରନଗର ବ୍ଲକ ତୁରୁଡା ଗ୍ରାମରେ ଫେବୃୟାରୀ ୧୪ରେ ହନୁମାନ ମନ୍ଦିର ପ୍ରତିଷ୍ଠା ହେବ। ଏ ନେଇ ତୁରୁଡା ଗ୍ରାମବାସୀ ସୋମବାର ଆଠମଲ୍ଲିକ ରାଜା ପରେଶ କୁମାର ଦେଓଙ୍କୁ ଭେଟି ନିମନ୍ତ୍ରଣ କରିଛନ୍ତି। ଗ୍ରାମର ଏକ ପ୍ରତିନିଧି ଦଳ ଶ୍ରୀ ଦେଓଙ୍କ ନିକଟରେ ପହଞ୍ଚି ଫୁଲ ଚନ୍ଦନ ଦେବା ସହିତ ଉତ୍ତରୀୟ ପ୍ରଦାନ ପୂର୍ବକ ରାଜାଙ୍କୁ ନିମନ୍ତ୍ରଣ ଜଣାଇଥିଲେ। ଏହି ଅବସରରେ ତୁରୁଡା ଗ୍ରାମର ବରିଷ୍ଠ ନାଗରିକ ଇନ୍ଦ୍ରମଣି ଆଚାର୍ଯ୍ୟ, ନରେନ୍ଦ୍ର ପ୍ରଧାନ, ରବିନ୍ଦ୍ର ତ୍ରିପାଠୀ, ବୁଦ୍ଧଦେବ ପ୍ରଧାନ, ବରୁଣ ସାହୁ, ଦୟାନିଧି ସାହୁ, ଜିତେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

■ସିଏଏ ଓ ଏନ୍‌ଆର୍‌ସି ସପକ୍ଷରେ ଶୋଭାଯାତ୍ରା

## ସାମିଲ ହେଲେ ସାମାଜିକ କର୍ମୀ, ଛାତ୍ରୀଛାତ୍ର



ସଚେତନ ନାଗରିକ ମଞ୍ଚର ସଦସ୍ୟମାନେ ଶୋଭାଯାତ୍ରାରେ ଯାଉଛନ୍ତି।

**ଅନୁଗୋଳ ଅଫିସ, ୬।୧**

ଅନୁଗୋଳ ଜିଲା ସଚେତନ ନାଗରିକ ମଞ୍ଚ ପକ୍ଷରୁ ସୋମବାର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ଓ ରାଷ୍ଟ୍ରୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି) ସପକ୍ଷରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଞ୍ଚ ପକ୍ଷରୁ ଏକ ସମର୍ଥନ ପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

ସହରର ଗାନ୍ଧୀଛକରୁ ବାହାରିଥିବା ଏହି ଶୋଭାଯାତ୍ରା ସହର ପରିକ୍ରମା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା। ନାଗରିକ ମଞ୍ଚ ପକ୍ଷରୁ ଭବାନୀ ଶଙ୍କର ତ୍ରିପାଠୀ, ଆର୍.କେ. ଶୁକ୍ଲା, ଚନ୍ଦ୍ରକାନ୍ତ ଧଳ, ସରିତା ମିଶ୍ର, ପ୍ରତାପ ମହାପାତ୍ର, ରୁକେଶ ରୋସନ ଦାସ, ରୋଜାଲିନ୍ ଦାସ ପ୍ରମୁଖଙ୍କ ସହ ଶତାଧିକ ନାଗରିକ, ସାମାଜିକ ସଙ୍ଗଠନ କର୍ମକର୍ତ୍ତା ଓ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଏଥିରେ ସାମିଲ ଥିଲେ। ସଙ୍ଗଠନ କର୍ମକର୍ତ୍ତାମାନେ କହିଥିଲେ ଯେ, ଅନୁପ୍ରବେଶକାରୀଙ୍କ ଯୋଗୁ ଓଡ଼ିଶାର ଉପକୂଳ ଅଞ୍ଚଳ ଅସୁରକ୍ଷିତ ହୋଇପଡ଼ିଛି। ଭାରତ ସରକାର ଏନ୍‌ଆରସି ଲାଗୁ କରିବା ପରେ ଏଥିରେ ସୁଧାର ଆସିବ। ସେହିପରି ସିଏଏ ଭାରତରେ ବସବାସ କରୁଥିବା କୌଣସି ଲୋକଙ୍କ ନାଗରିକତ୍ୱ ରଦ୍ଦ ପାଇଁ ଅଭିପ୍ରେତ ନୁହେଁ। କିନ୍ତୁ ଏହି ଆଇନ ପ୍ରଣୟନ ହେବା ପରେ କେତେକ ନ୍ୟସ୍ତ ସ୍ୱାର୍ଥ ରାଜନୈତିକ ଦଳ ଭୁଲ ତଥ୍ୟ ଜନସାଧାରଣଙ୍କୁ ପ୍ରଦାନ କରି ବିଭ୍ରାନ୍ତ କରୁଛନ୍ତି। ତେଣୁ ଏଥିରୁ ଦୂରେଇ ରହିବାକୁ ଅନୁଗୋଳ ଜିଲାର ସଚେତନ ନାଗରିକ ମଞ୍ଚ ପକ୍ଷରୁ ଲୋକଙ୍କୁ ଆହ୍ୱାନ ଦିଆଯାଉଛି ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ।

■କ୍ଷତାକ୍ତ ଅବସ୍ଥାରେ ବୟୋଜ୍ୟେଷ୍ଠ ବ୍ୟକ୍ତି ଉଦ୍ଧାର

## ଚିକିତ୍ସା କରାଇଲା ସେବା ପରିବାର

**କଣିହାଁ,୬।୧(ଡି.ଏନ.ଏ.)**



କଣିହାଁ ବ୍ଲକ ସମଲ ଥାନା ବଲାଙ୍ଗୀ ରାସ୍ତାପାର୍ଶ୍ୱରୁ ରବିବାର କ୍ଷତାକ୍ତ ଅବସ୍ଥାରେ ସମଲ ଥାନା ଗହମ ଗ୍ରାମର ଭଗବାନ ସାହୁ(୮୫)ଙ୍କୁ ଏନ୍‌ଟିପିସି ବଜାର ରଙ୍ଗବେଡାସ୍ଥିତ ସେବା ପରିବାର ପକ୍ଷରୁ ଉଦ୍ଧାର କରାଯାଇଥିଲା। ପରେ ସେବା ପରିବାର ସଭାପତି ଅଜୟ କୁମାର ରାୟ, ସେବାକର୍ମୀଙ୍କ ସହାୟତାରେ ଏକ ନର୍ସିଂହୋମରେ ତାଙ୍କର ଚିକିତ୍ସା କରାଯାଇଥିଲା। ବାର୍ଦ୍ଧକ୍ୟ ବେଳେ ପରିବାର ଲୋକେ ଯତ୍ନ ନେଉ ନ ଥିବାରୁ ସେ ଘର ଛାଡି ପଳାଇ ଆସିଥିଲେ। ଏଣେତେଣେ ବୁଲାବୁଲି ସମୟରେ କେଉଁଠି ପଡ଼ିଥିଲେ ତାହା ଜାଣିପାରି ନ ଥିଲେ। ଏ ନେଇ ସେବା ପରିବାର ସଭାପତି ଅଜୟ ରାୟ କହିଛନ୍ତି, ଚିକିତ୍ସା ପରେ ସେ ସୁସ୍ଥ ଅଛନ୍ତି। ତାଙ୍କୁ ସେବା ପରିବାର କାର୍ଯ୍ୟାଳୟରେ ରଖାଯାଇଥିଲା। ଖବରପାଇ ତାଙ୍କ ପରିବାର ଲୋକେ ପହଞ୍ଚି ଆବଶ୍ୟକ ଯତ୍ନ ନେବେ ବୋଲି ପ୍ରତିଶ୍ରୁତି ଦେଇ ଘରକୁ ନେଇଯାଇଛନ୍ତି। ସମଲ ଥାନା ଆଇଆଇସି ଚାରୁଲତା ବେହେରା କହିଛନ୍ତି, ଏ ନେଇ ଥାନାରେ ଅଭିଯୋଗ ହୋଇନାହିଁ।

■ଇଣ୍ଟର କ୍ଲବ୍ କ୍ରିକେଟ୍ ଟୁର୍ନାମେଣ୍ଟ

## ୨୦ରୁ ଜୁନିୟର, ଫେବୃୟାରୀ ୫ରୁ ଖେଳିବେ ସିନିୟର

**ଅନୁଗୋଳ ଅଫିସ, ୬।୧**

ଓଡ଼ିଶା କ୍ରିକେଟ ଆସୋସିଏଶନର ନିଷ୍ପତ୍ତି ଅନୁଯାୟୀ ଆସନ୍ତା ୨୦ ତାରିଖ ଠାରୁ ୩୧ ତାରିଖ ପର୍ଯ୍ୟନ୍ତ ଜୁନିୟର ଦଳ ଓ ୫ ଫେବୃୟାରୀ ଠାରୁ ୨୦ ତାରିଖ ଯାଏ ସିନିୟର ଦଳ ମଧ୍ୟରେ ବ୍ଲକସ୍ତରୀୟ କ୍ରିକେଟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଡିଉଜ ବଲରେ ଜିଲାରେ ଥିବା ଟର୍ଫ ଉଇକେଟ୍‌ରେ ଖେଳାଯିବ। ପ୍ରତି ଦଳରେ ୧୫ ଜଣ ଲେଖାଏ ଖେଳାଳି ରହିବାର ନିୟମ ରହିଛି। ଏଥିରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଖେଳାଳିଙ୍କୁ ଜିଲାସ୍ତରୀୟ ଟିମ୍ ପାଇଁ ମନୋନୀତ କରାଯିବ।

ଜିଲା କ୍ରିକେଟ ଆସୋସିଏଶନ୍ ସଭାପତି ଅକ୍ଷୟ କୁମାର ସାମନ୍ତ କହିଛନ୍ତି, ପ୍ରତିଯୋଗିତାରେ ଜୁନିୟର ଦଳ ପାଇଁ ୧୯ ବର୍ଷରୁ କମ୍ ଖେଳାଳି ଓ ସିନିୟର ଦଳ ପାଇଁ ୨୩ ବର୍ଷ ବା ତଦୁର୍ଦ୍ଧ୍ୱ ବୟସର ଖେଳାଳିମାନେ ଅଂଶଗ୍ରହଣ କରିପାରିବେ। ଜିଲାରେ ଥିବା କ୍ରିକେଟ କ୍ଲବ କିମ୍ବା ଦଳମାନେ ନିଜ ନିଜ ଦଳର ଖେଳାଳିମାନଙ୍କ ନାମ ଜିଲା କ୍ରିକେଟ ସଂଘରେ ପଞ୍ଜୀକୃତ କରିବେ। ଜୁନିୟର ଦଳ ପାଇଁ ଜାନୁୟାରୀ ୮ ତାରିଖରୁ ୧୫ ତାରିଖ ମଧ୍ୟରେ ନାମ ପଞ୍ଜୀକୃତ ହେବ। ସେହିପରି ସିନିୟର ଦଳ ଜାନୁୟାରୀ ୨୫ ତାରିଖ ଠାରୁ ୩୧ ତାରିଖ ମଧ୍ୟରେ ଅନୁଗୋଳ କଦମ ପଡ଼ିଆସ୍ଥିତ ସଂଘ କାର୍ଯ୍ୟାଳୟ ଠାରେ ପୂର୍ବାହ୍ନ ୧୦ ଘଟିକାରୁ ୧୨ ଘଟିକା ମଧ୍ୟରେ ପଞ୍ଜୀକୃତ କରିବେ। ଖେଳାଳିମାନେ ନିଜର ବୟସ ପ୍ରମାଣପତ୍ର, ଆଇକାର୍ଡ ଓ ଏକ ପାସ୍‌ପୋର୍ଟ ଫଟୋ ନେଇ ଆସିବେ। ଅଧିକ ଜାଣିବା ପାଇଁ ଜିଲା ଆସୋସିଏଶନ ସହ ଯୋଗାଯୋଗ କରିପାରିବେ ବୋଲି ସଭାପତି ସୂଚନା ଦେଇଛନ୍ତି।

## ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ


ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଉଛି।

**କଣିହାଁ,୬।୧(ଡି.ଏନ.ଏ.)**

କଣିହାଁ ବ୍ଲକ ବ୍ରଜକୋଟ ଗ୍ରାମର ଦିବ୍ୟାଙ୍ଗ ଜିତେନ୍ଦ୍ର ବାରିକ (୨୪)ଙ୍କୁ ସୋମବାର କଣିହାଁ ବିଡିଓ ରମେଶ କୁମାର ଜେନା ଟ୍ରାଇ ସାଇକେଲ ପ୍ରଦାନ କରିଛନ୍ତି। ଏଥିସହିତ ଦିବ୍ୟାଙ୍ଗ ଭତ୍ତା ପ୍ରଦାନ ପାଇଁ ମଞ୍ଜୁର କରାଯାଇଛି। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ନୃସିଂହ ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଯେ, ଜିତେନ୍ଦ୍ର ୨୦୧୯ରେ ଦୁର୍ଘଟଣାରେ ୨ ଗୋଡ ହରାଇଥିଲେ।

### ୧୨ ପୋଲିସ କର୍ମଚାରୀଙ୍କୁ ପଦୋନ୍ନତି

**ଅନୁଗୋଳ ଅଫିସ, ୬।୧**

ଅନୁଗୋଳ ପୋଲିସରେ କାର୍ଯ୍ୟରତ ଥିବା କନଷ୍ଟେବଲଙ୍କ ପଦୋନ୍ନତି ହୋଇଛି। ଏ ନେଇ ଜିଲା ପୋଲିସ ମୁଖ୍ୟାଳୟ ପକ୍ଷରୁ ଏକ ନୋଟିସ୍ ମରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୯ ଜଣ କନଷ୍ଟେବଲ ଓ ୩ ଜଣ ଲ୍ୟାନ୍ସ ନାଏକଙ୍କୁ ପଦୋନ୍ନତି ଦିଆଯାଇଥିବା ଏସ୍‌ପି ଜଗମୋହନ ମୀନା ସୂଚନା ଦେଇଛନ୍ତି। ଲ୍ୟାନ୍ସ ନାଏକ ଭାବେ କାର୍ଯ୍ୟ କରୁଥିବା ବାସୁଦେବ ଦେହୁରୀ, ଏସ୍. ତ୍ରିପାଠୀ ଓ ସୁଶାନ୍ତ କୁମାର ବିଶ୍ୱାଳଙ୍କୁ ଏପିଆର୍ ହାବିଲଦାର ଭାବେ ପଦୋନ୍ନତି ଦିଆଯାଇଛି। ସେହିପରି ୪ କନଷ୍ଟେବଲ ସମରେନ୍ଦ୍ର ବେହେରା, ପ୍ରଶାନ୍ତ କୁମାର ସାହୁ, ପାପୁନ ବେହେରା ଓ ରଞ୍ଜନ କୁମାର ନାୟକଙ୍କୁ ଲ୍ୟାନ୍ସ ନାଏକକୁ ପଦୋନ୍ନତି ଦିଆଯାଇଛି। ଅନ୍ୟ ୪ କନଷ୍ଟେବଲ ଆଠମଲ୍ଲିକ ଥାନାରେ କାର୍ଯ୍ୟରତ ଦେବେନ୍ଦ୍ର କୁମାର ସାହୁ, ଅନୁଗୋଳ ଥାନାର ସେକ୍ ଜାହାର ମହମ୍ମଦ, କଣିହାଁ ଥାନାର ପ୍ରଶାନ୍ତ କୁମାର ଦେହୁରୀ ଓ ଅଶୋକ କୁମାର ସାହୁଙ୍କୁ ସିଆଇ ହାବିଲଦାର ଭାବେ ପଦୋନ୍ନତି କରାଯାଇଛି। ବ୍ୟାଣ୍ଡ କନଷ୍ଟେବଲ ପ୍ରକାଶ କୁମାର ମଲ୍ଲିକଙ୍କୁ ବ୍ୟାଣ୍ଡ ହାବିଲଦାର ଭାବେ ପଦୋନ୍ନତି ମିଳିଛି।

### ଜେଏନ୍‌ୟୁ ଛାତ୍ରୀଛାତ୍ରଙ୍କୁ ଆକ୍ରମଣର ପ୍ରତିବାଦ

**ଅନୁଗୋଳ ଅଫିସ, ୬।୧**

ରାଜଧାନୀ ଦିଲ୍ଲୀରେ ଥିବା ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ(ଜେଏନ୍‌ୟୁ)ରେ ଛାତ୍ରୀଛାତ୍ର ଓ ଅଧ୍ୟାପକଙ୍କୁ ମରଣାନ୍ତକ ଆକ୍ରମଣ କରାଯିବା ଘଟଣାକୁ ଅନୁଗୋଳ ଅଲ୍ ଇଣ୍ଡିଆ ଡିଏସ୍‌ଓ ଶାଖା ପକ୍ଷରୁ ଦୃଢ଼ ନିନ୍ଦା କରାଯିବା ସହ ପ୍ରତିବାଦ କରାଯାଇଛି। ସୋମବାର ପୂର୍ବାହ୍ନରେ ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଏ ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇ ଘଟଣାର ଦୃଢ଼ ନିନ୍ଦା କରାଯାଇଛି। ଡିଏସ୍‌ଓ ଜିଲା ଉପସଭାନେତ୍ରୀ ପ୍ରଭାସୀ ସ୍ୱାଇଁ, ଶାଶ୍ୱତ ସାହୁ, ସମ୍ପାଦକ ନାରାୟଣ ନାୟକ, ନିରୁପମା ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

■ଗାଁ ଚଳଣିରୁ ବାସନ୍ଦ ଅଭିଯୋଗ

## ଗ୍ରାମ ସଭାପତିଙ୍କ ସମେତ ୫ ଗିରଫ

**ବଇଣ୍ଡା,୬।୧(ଡି.ଏନ.ଏ.)**

ଅନୁଗୋଳ ଜିଲା କିଶୋରନଗର ଥାନା ତୁଡାଖାଇ ଗ୍ରାମର ଏକ ଦଳିତ ପରିବାରକୁ ବାସନ୍ଦ ଅଭିଯୋଗରେ ପୋଲିସ ସୋମବାର ୫ ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ଗ୍ରାମ ସଭାପତି ଉପେନ୍ଦ୍ର ସାହୁ, ସମ୍ପାଦକ ସୁରେଶ କୁମାର ପ୍ରଧାନ, କୋଷାଧ୍ୟକ୍ଷ କରୁଣାକର ପ୍ରଧାନ, ଲବକିଶୋର ସାହୁ, ଶ୍ରୀନିବାସ ପ୍ରଧାନ। ପୋଲିସ କହିଛି, ତୁଡାଖାଇ ଗ୍ରାମର ପ୍ରତିମା ମିର୍ଦ୍ଧାଙ୍କୁ ଗ୍ରାମବାସୀ ବାସନ୍ଦ କରିବା ସହ ମାନସିକ ନିର୍ଯାତନା ଦେଉଥିବା ନେଇ ଶନିବାର ପ୍ରତିମା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨/୨୦ରେ ଏକ ମାମଲା ରୁଜୁ କରି ରବିବାର ରାତିରେ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

ପ୍ରତିମା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି, ଗ୍ରାମବାସୀ ସେହି ଗ୍ରାମର ସୁଶାନ୍ତ କୁମାର ଦାସଙ୍କ ପରିବାରକୁ କିଛିମାସ ତଳେ ବାସନ୍ଦ କରିଥିଲେ। ତାଙ୍କୁ ରାସ୍ତା, ପୋଖରୀ ଆଦି ମନା କରାଯିବା ସହ କେହି ନ ମିଶିବା ପାଇଁ ଡାକବାଜି ମାଧ୍ୟରେ ଜଣାଇ ଦିଆଯାଇଥିଲା। ହେଲେ ପ୍ରତିମାଙ୍କ ଘର ସୁଶାନ୍ତଙ୍କ ଘର ନିକଟରେ ହୋଇଥିବାରୁ ସେ ତାଙ୍କ ପରିବାର ଲୋକଙ୍କ ସହ କଥାବାର୍ତ୍ତା ହେଉଥିଲେ। ଏ ସମ୍ପର୍କରେ କେତେଜଣ ବ୍ୟକ୍ତି ଜାଣି ସୁଶାନ୍ତଙ୍କ ସହ କଥା ନ ହେବା ପାଇଁ ପରାମର୍ଶ ଦେଇଥିଲେ। ହେଲେ ପ୍ରତିମା ଏହା ନ ମାନିବାରୁ ଏକ ସପ୍ତାହ ତଳେ ତାଙ୍କୁ ମଧ୍ୟ ଗାଁରୁ ବାସନ୍ଦ କରାଯିବା ସହ ତାଙ୍କୁ ନଳକୂଅ, ପୋଖରୀ, ରାସ୍ତା ଆଦି ବାରଣ କରାଯାଇଛି। ଶନିବାର ଗ୍ରାମଦେବୀଙ୍କ ବାର୍ଷିକ ପୂଜା ହେଉଥିବା ଯୋଗୁ ସେ ତାଙ୍କ ଚାନ୍ଦା ଗ୍ରାମ ସଭାପତିଙ୍କୁ ଦେଇଥିଲେ ମଧ୍ୟ ତାହା ଗ୍ରହଣ କରା ନ ଯିବା ସହ ଗାଳିଗୁଲଜ କରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଅନୁଗୋଳ ଜିଲା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଆଠମଲ୍ଲିକ ଏସ୍‌ଡିପିଓ ଭବାନୀ ଶଙ୍କର ଉଦଗାତା, କିଶୋରନଗର ଆଇଆଇସି ପ୍ରତିଭା ମାଝି, କିଆକଟା ଆଇଆଇସି ଓନାମ ଲାକରା, ଆଠମଲ୍ଲିକ ଆଇଆଇସି ପ୍ରିୟବ୍ରତ ଦାସଙ୍କ ସହ ଏକ ଟିମ ରବିବାର ରାତିରେ ତୁଡାଖାଇ ଗ୍ରାମରେ ଚଢାଉ କରି ସମ୍ପୃକ୍ତ ୫ଜଣଙ୍କୁ ଗିରଫ କରିଥିଲେ।

■କନ୍ୟାଶ୍ରମରେ ନିର୍ଯାତନା ଅଭିଯୋଗର ତଦନ୍ତ ଆରମ୍ଭ

## ଦୁଇ ସ୍କୁଲରେ ୧୩ ଛାତ୍ରୀଙ୍କ ହେଲା ନାମଲେଖା



**ଅନୁଗୋଳ ଅଫିସ, ୬।୧**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକରେ ଥିବା କ୍ଷୀରୋଦବାସିନୀ କନ୍ୟାଶ୍ରମରେ ଦୁଇ ଅନ୍ତେବାସୀ ଭଉଣୀଙ୍କୁ ନିର୍ଯାତନା ଦିଆଯିବା ଅଭିଯୋଗ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି ଜିଲା ଶିଶୁ ସୁରକ୍ଷା ଅଧିକାରୀ (ଡିସିପିଓ) ଗୌରୀ ଶଙ୍କର ବେହେରା। ଦୁଇଜଣିଆ ଟିମ୍ ସହ ଡିସିପିଓ ବେହେରା ଉକ୍ତ କନ୍ୟାଶ୍ରମ ଛାଡ଼ିଥିବା ଅନ୍ତେବାସୀଙ୍କ ଘରକୁ ଯାଇ ଘଟଣା ସମ୍ପର୍କରେ ଅନୁଧ୍ୟାନ କରିଛନ୍ତି। ଏଥିସହ ଉକ୍ତ କନ୍ୟାଶ୍ରମ ଛାଡ଼ିଥିବା ମୋଟ୍ ୧୩ ଜଣ ଛାତ୍ରୀଙ୍କ ନାମ ୨ଟି ବିଦ୍ୟାଳୟରେ ଲେଖାଯାଇଥିବା ଡିସିପିଓ ବେହେରା ପ୍ରକାଶ କରିଛନ୍ତି।

ଡିସିପିଓ କହିଛନ୍ତି, କନ୍ୟାଶ୍ରମ ଛାଡ଼ିଥିବା ୧୩ ଜଣ ଅନ୍ତେବାସୀଙ୍କ ନାମ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଅଞ୍ଚଳର ହତା ଶିମିଳିପଡ଼ା ୟୁପି ସ୍କୁଲ ଓ ସାନହୁଲା ଉଚ୍ଚ ବିଦ୍ୟାଳୟରେ ଲେଖାଯାଇଛି। ଛାତ୍ରୀମାନଙ୍କ ସ୍କୁଲ ଲିଭିଂ ପ୍ରମାଣପତ୍ର ନ ଥିବାରୁ ସେମାନଙ୍କ ବୟସ ପ୍ରମାଣପତ୍ର ପ୍ରଦାନ କରାଯାଇ ନାମ ଲେଖାଯାଇଛି। ସେମାନେ ନିୟମିତ ବିଦ୍ୟାଳୟକୁ ଆସୁଛନ୍ତି କି ନାହିଁ, ତାହା ଅବଗତ କରିବାକୁ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଛାତ୍ରୀମାନଙ୍କ ନାମ ନିକଟସ୍ଥ ବିଦ୍ୟାଳୟରେ ଲେଖାଯାଇଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରୀଙ୍କ ଅଭିଭାବକଙ୍କୁ ଜାତିଗତ ପ୍ରମାଣପତ୍ର ପାଇଁ ଆବେଦନ କରିବାକୁ କୁହାଯାଇଛି। ଉକ୍ତ ପ୍ରମାଣପତ୍ର ମିଳିବା ପରେ ଜିଲାରେ ଥିବା ଅନୁସୂଚିତ ଜାତି ଓ ଜନଜାତି ବିଦ୍ୟାଳୟରେ ନାମ ଲେଖାଯିବ ବୋଲି ଡିସିପିଓ ବେହେରା ସୂଚନା ଦେଇଛନ୍ତି।

## ପକ୍ଷୀଙ୍କ ସୁରକ୍ଷା ସମ୍ପର୍କରେ ଆଲୋଚନା


କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅଭିଭାବକମାନେ।

**ଛେଣ୍ଡିପଦା,୬।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ କୋଶଳା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କୁ ନେଇ ରବିବାର କୋଶଳାସ୍ଥିତ ମା' ରାମଚଣ୍ଡୀଙ୍କ ପୀଠରେ ଥିବା ବାଉଁଶ ବଣରେ ପକ୍ଷୀ ସୁରକ୍ଷା ଉପରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ଶତପଥୀଙ୍କ ନେତୃତ୍ୱରେ ଆୟୋଜିତ ଏହି କର୍ମଶାଳାରେ ଅଭିଭାବକ, ଅତିଥି ଓ ବିଦ୍ୟାଳୟ ପରିଚାଳନା କମିଟିର କର୍ମକର୍ତ୍ତାମାନେ ଯୋଗଦେଇ ପକ୍ଷୀମାନଙ୍କ ପରିବେଶ ସହ ସମ୍ପର୍କ, ଭୂମିକା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଏଥିରେ ୪ଶହ ଛାତ୍ରୀଛାତ୍ର ଓ୨ଶହରୁ ଊର୍ଦ୍ଧ୍ୱ ଅଭିଭାବକ ଯୋଗ ଦେଇଥିଲେ।

## ଭତ୍ତା, ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ

**ଛେଣ୍ଡିପଦା,୬।୧(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ସୋମବାର ପୂର୍ବାହ୍ନରେ ଗ୍ରାମୀଣ ଆବାସ ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଓ ବ୍ଲକସ୍ତରୀୟ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛେଣ୍ଡିପଦା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁନୀଲ କୁମାର କେରକେଟାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ସୁଶାନ୍ତ କୁମାର ବେହେରା, ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ବିଧାୟକଙ୍କ ଜିଲା ପ୍ରତିନିଧି ପ୍ରଦୀପ କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ପ୍ରମୁଖ ଯୋଗଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ପରେ ତୁକୁଡା ପଞ୍ଚାୟତ ଡାହିମାଳ ଗ୍ରାମର ୧୪ ଜଣ ଭୂମିହୀନ ପରିବାରକୁ ବ୍ଲକ ପ୍ରଶାସନ ପକ୍ଷରୁ ଭୂମି ଯୋଗାଇ ଦେବା ସହିତ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଏଥିସହିତ ଛେଣ୍ଡିପଦା ବ୍ଲକର ୩୪ ପଞ୍ଚାୟତର ୪୯୬ ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନସନ ଯୋଜନାରେ ଦିବ୍ୟାଙ୍ଗ, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ଆଦି ପ୍ରଦାନ କରାଯାଇଥିଲା। ଛେଣ୍ଡିପଦା ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ସାହୁ, ଚିରୋଲିମା ପ୍ରିୟଦର୍ଶିନୀ ସହଯୋଗ କରିଥିଲେ। ବିଭିନ୍ନ ପଞ୍ଚାୟତର କାର୍ଯ୍ୟନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତିସଭ୍ୟ ଯୋଗ ଦେଇଥିଲେ।


ଜଣେ ହିତାଧିକାରୀଙ୍କୁ ବିଧାୟକ ଭତ୍ତା ବଣ୍ଟନ କରୁଛନ୍ତି।

## ସଂକ୍ଷେପରେ

### ଯୁବକଙ୍କୁ ଭୁଜାଲି ମାଡ଼



**ଢେଙ୍କାନାଳ ଅଫିସ, ୬।୧:** ଢେଙ୍କାନାଳ ଜିଲା ଗଁଦିଆ ଥାନା ଯୋରନ୍ଦା ଫାଣ୍ଡି ଅଞ୍ଚଳରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସୋମବାର ସନ୍ଧ୍ୟାରେ ଭୁଜାଲି ମାଡ଼ ହୋଇଛି। ଏଥିରେ ଆଡିଣ୍ଡା ଗ୍ରାମର ପ୍ରଶାନ୍ତ ପ୍ରଧାନ (୩୮) ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ତାଙ୍କ ପେଟ, ଡାହାଣହାତ, ଡାହାଣଗାଲ, ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ପ୍ରଶାନ୍ତ ଯୋରନ୍ଦା ହାଟଛକ ନିକଟରେ ଛିଡା ହୋଇଥିବାବେଳେ ଜଣେ ଯୁବକ ଆସିଥିଲେ। କୌଣସି କଥାରୁ ଉଭୟଙ୍କ ମଧରେ ବାକ୍‌ବିତଣ୍ଡା ହୋଇଥିଲା। ଏହା ପରେ ତୀବ୍ରରୂପ ନେଇଥିଲା। ସମ୍ପୃକ୍ତ ଯୁବକଙ୍କ ଭାଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ଉଭୟେ ପ୍ରଶାନ୍ତଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ। ଏ ନେଇ ନଂ. ୫/୨୦ରେ ମାମଲା ରୁଜୁ କରାଯାଇଛି। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ପୂର୍ବତନ କ୍ରୀଡ଼ା ଶିକ୍ଷକଙ୍କ ସ୍ମୃତିସଭା

**ଢେଙ୍କାନାଳ ଅଫିସ, ୬।୧:** ଢେଙ୍କାନାଳସ୍ଥିତ ଲକ୍ଷ୍ମୀଧର ମ୍ୟୁନିସିପାଲ ସରକାରୀ ହାଇସ୍କୁଲର ପୂର୍ବତନ କ୍ରୀଡ଼ା ଶିକ୍ଷକ ଗୋବର୍ଦ୍ଧନ ଦଳେଇଙ୍କ ବିୟୋଗରେ ସୋମବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ମିଶ୍ର ଅଧକ୍ଷତା କରିଥିଲେ। ଶିକ୍ଷକ ମହାସଂଘ ସଭାପତି ଯମେଶ୍ୱର ପୃଷ୍ଟି, ଅବସରପ୍ରାପ୍ତ ଖେଳ ଶିକ୍ଷକ ଘନଶ୍ୟାମ ହୋତା ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଦଳେଇଙ୍କ ସ୍ମୃତିଚାରଣ କରିଥିଲେ। ଶିକ୍ଷୟିତ୍ରୀ ଉମା ଷଡ଼ଙ୍ଗୀ, ମୀନକେତନ ପରିଡ଼ା, ବିପିନ ବିହାରୀ ପାଲ, ଗୀତା ମିଶ୍ର, ରଶ୍ମି ଶତପଥୀ, ପ୍ରୀତି ପାଣିଗ୍ରାହୀ, ଚିତ୍ରାଞ୍ଜଳି ପତି, ସଙ୍ଗୀତା ସାହୁଙ୍କ ସମେତ ବହୁ ଛାତ୍ରୀଛାତ୍ର ଦିବଂଗତ ଆତ୍ମାର ସ୍ମୃତିଚାରଣ କରିଥିଲେ।

### ହୃଦ୍‌ଘାତରେ ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ



**ହିନ୍ଦୋଳ, ୬।୧ (ଡି.ଏନ.ଏ.):** ହିନ୍ଦୋଳ ଏନ୍‌ଏସି ଅନ୍ତର୍ଗତ ୪ନଂ. ୱାର୍ଡ ନୂଆପାଣିସାହି ଗ୍ରାମର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ଶିବପ୍ରସାଦ ପଟ୍ଟନାୟକ (୭୦)ଙ୍କ ରବିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ରାତି ପ୍ରାୟ ୧୦ଟାରେ ସେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପ୍ରଥମେ ହିନ୍ଦୋଳ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋମବାର ଏହି ଖବର ପ୍ରଚାରିତ ହେବା ପରେ ବହୁ ଅଞ୍ଚଳବାସୀ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ଶ୍ମଶାନକୁ ନିଆଯାଇ ଅନ୍ତିମ ସଂସ୍କାର କରାଯାଇଥିଲା। ଅନ୍ତିମ ସମୟରେ ତାଙ୍କ ସହଧର୍ମିଣୀ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ସରୋଜିନୀ ପଟ୍ଟନାୟକଙ୍କ ସମେତ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଶିବପ୍ରସାଦ ଚାକିରିରୁ ଅବସର ନେବାପରେ ଅନେକ ସାମାଜିକ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ଜଣେ କବି, ପ୍ରବଚକ, ମେଳାପୀ ସ୍ୱଭାବର ବ୍ୟକ୍ତି ଭାବେ ସେ ପରିଚିତ ଥିଲେ। ତାଙ୍କ ପରଲୋକରେ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି।

### ଅଗ୍ନିକାଣ୍ଡରେ ଦୋକାନ ଛାରଖାର

**ଭୁବନ, ୬।୧(ଡି.ଏନ.ଏ.):** ଭୁବନ ଏନ୍‌ଏସି ଅଧୀନ ବ୍ରାହ୍ମଣୀ ଦେବୀ ଛକରେ ଥିବା କାଳିନ୍ଦୀ ଗୁରୁଙ୍କ ଜଳଖିଆ କ୍ୟାବିନ୍‌ରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଦୁଇଟି ଗ୍ୟାସ୍ ସିଲିଣ୍ଡର ଫାଟି ଯାଇଥିବାବେଳେ ଫ୍ରିଜ୍, ଟିଭି ସମେତ ଅନ୍ୟ ଆସବାବପତ୍ର ଛାରଖାର ହୋଇଯାଇଛି। କାଳିନ୍ଦୀଙ୍କ କହିବା କଥା, ସେ ରାତି ୧୦ଟାରେ ଦୋକାନ ବନ୍ଦ କରି ଘରକୁ ଆସିଥିଲେ। ରାତି ପ୍ରାୟ ୨ଟାରେ ଦୋକାନରେ ନିଆଁ ଲାଗିଥିବା ସୂଚନା ପାଇ ସେ ଘଟଣାସ୍ଥଳକୁ ଯାଇଥିଲେ। ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ କୌଣସି ସାମଗ୍ରୀ ଉଦ୍ଧାର କରାଯାଇପାରି ନ ଥିଲା। ଦମକଳବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ।

# ଢେଙ୍କାନାଳରୁ ବାହୁଡ଼ିଲେ ୧୧୦ ହାତୀ

- ଉପଦ୍ରବରେ ପରଜଙ୍ଗ ବ୍ଲକ ସର୍ବାଧିକ କ୍ଷତିଗ୍ରସ୍ତ
- ଆକ୍ରମଣରେ ପ୍ରାଣ ହରାଇଛନ୍ତି ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି
- ଭାଙ୍ଗିଛି ୧୦୦ରୁ ଅଧିକ ଘର, ନଷ୍ଟ କରିଛନ୍ତି ବ୍ୟାପକ ଫସଲ

**ଢେଙ୍କାନାଳ ଅଫିସ, ୬।୧**

ପଡ଼ୋଶୀ ଜିଲାରୁ ଢେଙ୍କାନାଳକୁ ଚାଲିଆସିଥିବା ହାତୀପଲ ବାହୁଡ଼ିବା ଆରମ୍ଭ କରିଛନ୍ତି। ଗତ ଅଗଷ୍ଟରୁ ଚଳିତ ୫ ତାରିଖ ସୁଦ୍ଧା ୧୧୦ ହାତୀ ଅନ୍ୟ ଜିଲାକୁ ପଳାଇଛନ୍ତି। ପୂର୍ବ ବାସସ୍ଥାନକୁ ହାତୀ ଫେରିବା ପରେ ଜିଲା ବନ ବିଭାଗ ସାମାନ୍ୟ ଆଶ୍ୱସ୍ତି ହୋଇଛି। ୨୦୧୯ ବର୍ଷରେ ହାତୀପଲ ପରଜଙ୍ଗ ବ୍ଲକରେ ସର୍ବାଧିକ କ୍ଷତି କରିଥିବା ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ସରକାରୀ ଭାବେ ଢେଙ୍କାନାଳରେ ୧୬୬ ହାତୀ ଥିବା ଗଣନାରୁ ଜଣାପଡ଼ିଛି। ହେଲେ ଏଠାକାର ଥଣ୍ଡା ଜଳବାୟୁ, ସଂରକ୍ଷିତ ଜଙ୍ଗଲରେ ଖାଦ୍ୟ ଲୋଭରେ ଜିଲା ବାହାରୁ ଶତାଧିକ ହାତୀ ପଳାଇ ଆସିଥିଲେ। ଫଳରେ ହାତୀସଂଖ୍ୟା ୨୫୦ ଟପି ଯାଇଥିଲା। ଅନ୍ୟପଟେ ହାତୀଙ୍କ ଦ୍ୱାରା ବ୍ୟାପକ ଫସଲ ହାନି, ସେମାନଙ୍କୁ ଘଉଡ଼ାଇବାକୁ ଯାଇ ବନ ବିଭାଗ ନାକେଦମ ହେବା ଗତବର୍ଷ ମୁଖ୍ୟ ସମସ୍ୟା ପାଲଟିଥିଲା।



ହାତୀ ପଲ। (ଫାଇଲ୍ ଫଟୋ)

ଏଣିକି ବନ ବିଭାଗ ପକ୍ଷରୁ ଜିଲାର ସମସ୍ତ ୮ ରେଞ୍ଜ୍‌ରେ ପ୍ରତିଦିନ ହାତୀଙ୍କ ଗତିବିଧି ଉପରେ ନଜର ରଖାଯାଉଛି। ସେମାନଙ୍କ ସଂଖ୍ୟା ଆକଳନ କରାଯାଇ ରାଜ୍ୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟକୁ ପଠାଯାଉଥିବା ବନ ବିଭାଗ ପକ୍ଷରୁ କୁହାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଗତ ଅଗଷ୍ଟରେ ଜିଲାରେ ମୋଟ ହାତୀସଂଖ୍ୟା ୨୬୧ ଥିଲା। ଜାନୁୟାରୀ ୫ ସୁଦ୍ଧା ୧୧୦ ହାତୀ ପଡ଼ୋଶୀ ଜିଲାକୁ ପଳାଇଛନ୍ତି। ତନ୍ମଧ୍ୟରେ ୫୦ଟି ଢେଙ୍କାନାଳ ସୀମାନ୍ତ ଆଠଗଡ଼ ବନାଞ୍ଚଳରେ ଅଛନ୍ତି। ଅନ୍ୟ ୬୦ଟି ଅନୁଗୋଳ ଏବଂ କେନ୍ଦୁଝର ଜିଲାକୁ ପଳାଇଛନ୍ତି। ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଏବେ ୧୫୦ ହାତୀ ଚଳପ୍ରଚଳ କରୁଛନ୍ତି। ଗତବର୍ଷ ହାତୀ ଉପଦ୍ରବରେ ସର୍ବାଧିକ ପ୍ରଭାବିତ ହୋଇଥିଲା ପରଜଙ୍ଗ ବ୍ଲକ। ୨୦୧୯ରେ ବ୍ଲକର ବିଭିନ୍ନ ଅଞ୍ଚଳରେ ୧୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ହାତୀ ଆକ୍ରମଣର ଶିକାର ହୋଇ ପ୍ରାଣ ହରାଇଥିବାବେଳେ ୪୦ଜଣ ଗୁରୁତର ହୋଇଛନ୍ତି। ହାତୀପଲ ୧୦୦ରୁ ଅଧିକ ଘର ମଧ୍ୟ ଭାଙ୍ଗିଛନ୍ତି। ବ୍ୟାପକ ଫସଲ ଉଜାଡ଼ି ଦେଇଥିବାରୁ ଏହାର ପ୍ରଭାବ ଚାଷୀଙ୍କ ଆର୍ଥିକ ବ୍ୟବସ୍ଥା ଉପରେ ପଡ଼ିଛି।

ଏ ନେଇ ଜିଲା ବନଖଣ୍ଡ ଅଧିକାରୀ କୁହନ୍ତି, ଏଣିକି ଦୈନିକ ହାତୀଙ୍କ ଗତିବିଧି ଏବଂ ସେମାନଙ୍କ ସଂଖ୍ୟାକୁ ନେଇ ସମୀକ୍ଷା କରାଯାଉଛି। ଅଗଷ୍ଟରେ ସେ ଦାୟିତ୍ୱ ଗ୍ରହଣ କରିବା ବେଳେ ଜିଲାରେ ୨୬୧ ହାତୀ ଥିଲେ। ସେଥିରୁ ୧୧୦ ହାତୀ ବାହାର ଜିଲାକୁ ପଳାଇଛନ୍ତି। ଫଳରେ ଉପଦ୍ରବ କିଛି ପରିମାଣରେ କମିଛି। ଫସଲ ଅମଳ ସରିଥିବାରୁ ହାତୀପଲ ଅନ୍ୟ ଜିଲା ମୁହାଁ ହୋଇଥିବା ଅନୁମାନ କରାଯାଉଛି।

■ ହାଇୱା ଧକ୍କାରେ ଯୁବକ ଆଖି ବାହାରିଗଲା

## ଉତ୍ତେଜନା, ରାସ୍ତାରୋକୋ



**ଭୁବନ, ୬।୧(ଡି.ଏନ.ଏ.)**

ଭୁବନ ଏନ୍‌ଏସି ଅନ୍ତର୍ଗତ ୧ନଂ. ୱାର୍ଡ ପୂର୍ବ ବିଭାଗ ରାସ୍ତାରେ ସୋମବାର ଏକ ହାଇୱା (ନଂ. ଓଡି ୦୪ ପି ୧୪୪୧) ଧକ୍କାରେ ନିମେଇପୁର ଗ୍ରାମର ଅଜୟ ପ୍ରଧାନ (୪୫) ଗୁରୁତର ହୋଇଛନ୍ତି। ଅଜୟ ବଜାରରୁ ଘରକୁ ଫେରୁଥିବାବେଳେ ଏହି ଦୁର୍ଘଟଣା ଘଟିଥିଲା। ତାଙ୍କ ବାମ ଆଖି ବାହାରକୁ ବାହାରି ପଡ଼ିଥିବାବେଳେ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଚେତାଶୂନ୍ୟ ଅବସ୍ଥାରେ ତାଙ୍କୁ ପ୍ରଥମେ ଭୁବନ ଏବଂ ପରେ କଟକ ସ୍ଥାନାନ୍ତର କରାଯାଇଛି। ଅନ୍ୟପଟେ ଦୁର୍ଘଟଣା ଘଟାଇ ହାଇୱା ଫେରାର ହୋଇଯିବାକୁ ଉଦ୍ୟମ କରୁଥିବାବେଳେ ଅଞ୍ଚଳର ଯୁବକମାନେ ମଣିପୁର ଗ୍ରାମ ନିକଟରେ ଅଟକାଇ ପୋଲିସ ଜିମା ଦେଇଥିଲେ। ପୋଲିସ ଗାଡ଼ିକୁ ଜବତ କରି ନେଇ ଆସୁଥିବାବେଳେ ଅଜୟଙ୍କ ପରିବାର ଲୋକେ କ୍ଷତିପୂରଣ ଦାବି କରି ଅଟକାଇଥିଲେ। ଅପରାହ୍ନ ୫ଟା ଯାଏ ଘଟଣାର ସମାଧାନ ନ ହେବାରୁ ଉତ୍ତେଜିତ ଅଞ୍ଚଳବାସୀ ନୂଆବଜାରରୁ ଢେଙ୍କାନାଳକୁ ସଂଯୋଗ କରୁଥିବା ରାସ୍ତା ଅବରୋଧ କରି ପ୍ରତିବାଦ ଜଣାଇଥିଲେ। ଏସ୍‌ଆଇ ଆଶିଷ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଦୁର୍ଘଟଣା ଘଟାଇଥିବା ଗାଡ଼ି ଡ୍ରାଇଭରଙ୍କୁ ଅଟକ ରଖି ପୋଲିସ ପଚରାଉଚୁରା କରୁଛି। ଅଞ୍ଚଳରେ ଭାରିଯାନ ଚଳାଚଳ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ଦେଖାଦେଇଛି।

■ ଜେଏନ୍‌ୟୁରେ ଆକ୍ରମଣ ଘଟଣା

## ଛାତ୍ର ବିଜେଡିର କ୍ୟାଣ୍ଡେଲ ଶୋଭାଯାତ୍ରା




କ୍ୟାଣ୍ଡେଲ ଶୋଭାଯାତ୍ରାରେ ଛାତ୍ରୀଛାତ୍ରଙ୍କ ସମେତ ବିଜେଡି କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୬।୧**

ନୂଆଦିଲ୍ଲୀସ୍ଥିତ ଦେଶର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟ (ଜେଏନ୍‌ୟୁ)ରେ ରବିବାର କେତେଜଣ ଦୁର୍ବୃତ୍ତ ପଶି ଛାତ୍ରୀଛାତ୍ର ଏବଂ ପ୍ରଧାପକଙ୍କୁ ଆକ୍ରମଣ କରିଛନ୍ତି। ଏହାର ପ୍ରତିବାଦରେ ସୋମବାର ସନ୍ଧ୍ୟାରେ ଢେଙ୍କାନାଳ ଜିଲା ଛାତ୍ର ବିଜେଡି ପକ୍ଷରୁ ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ, ବିଶ୍ୱବିଦ୍ୟାଳୟ ପରିସରରେ ଶାନ୍ତି ବଜାୟ ରଖିବା ଏବଂ ଶିକ୍ଷାର ବାତାବରଣ ସୃଷ୍ଟି କରିବା ଦାବିରେ ଏହି ଶୋଭାଯାତ୍ରା କରାଯାଇଥିଲା।

ଜେଏନ୍‌ୟୁରେ ଛାତ୍ର ଅଶାନ୍ତି ତେଜିବାରେ ଲାଗିଛି। ଏହାକୁ ରୋକିବାରେ ସରକାର ବିଫଳ ହେଉଥିବା ଦଳୀୟ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି। ଜିଲା ଛାତ୍ର ବିଜେଡି ସଭାପତି ସୁରଜ ମହାପାତ୍ରଙ୍କ ନେତୃତ୍ୱରେ ବହୁ ଛାତ୍ରୀଛାତ୍ର କ୍ୟାଣ୍ଡେଲ ଜଳାଇ ଏହି ଘଟଣାର ଦୃଢ଼ ନିନ୍ଦା କରିଥିଲେ। ବିଧାୟକଙ୍କ ପୌରାଞ୍ଚଳ ପ୍ରତିନିଧି ଦେବାଶିଷ ମିଶ୍ର, ଛାତ୍ର ବିଜେଡି ନଗର ସଭାପତି ସୋନୁରାମ ସିଂ, ବିଶ୍ୱରଞ୍ଜନ ସାହୁ, ଆଶୁତୋଷ କର, ସୁଶୀଲ ଗୋଚ୍ଛାୟତ, ରାକେଶ ବେହେରା, କୁନା ସାହୁ, ଲିକୁ ଦାସ, ଓମ୍ ପ୍ରକାଶ, ବୁଲ୍‌ବୁଲ୍ ସାହୁ, ମଳୟ ବିଶ୍ୱାଳ, ନିଶାନ ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ରେଳଧାରଣା କଡ଼ରୁ ମିଳିଲା ନିଖୋଜ ବୃଦ୍ଧାଙ୍କ ମୃତଦେହ

**ବନ୍ତ,୬।୧(ସ୍ୱ.ପ୍ର./ଡି.ଏନ.ଏ.)**

ଭଦ୍ରକ ଗ୍ରାମାଞ୍ଚଳ ଥାନା ବନ୍ତ ବ୍ଲକ ଅଲଡତି ଗ୍ରାମରୁ ୪ଦିନ ଧରି ନିଖୋଜ ଥିବା ଜଣେ ବୃଦ୍ଧାଙ୍କ ମୃତଦେହ ସୋମବାର କେନ୍ଦୁଆପଦା ରେଳ ଷ୍ଟେଶନଠାରୁ କିଛି ଦୂରରେ କ୍ଷତବିକ୍ଷତ ଅବସ୍ଥାରେ ଉଦ୍ଧାର କରାଯାଇଛି। ସେ ହେଲେ ଉକ୍ତ ଗ୍ରାମର ପାର୍ବତୀବାଳା ଭୂୟାଁ (୭୦)। ଫାଣ୍ଡି ଅଧିକାରୀ ବ୍ୟାସଦେବ ମହାପାତ୍ର ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ଏ ନେଇ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୦) ରୁଜୁ କରାଯାଇଛି।

ସୂଚନା ଅନୁସାରେ, ଏହି ଗ୍ରାମର ଜ୍ୟୋତ୍ସ୍ନାରାଣୀ ଭୂୟାଁ କେନ୍ଦୁଆପଦା ପଞ୍ଚାୟତ ଆମ୍ପୋର ଗ୍ରାମରେ ତାଙ୍କ ମା’ ପାର୍ବତୀବାଳାଙ୍କ ସହିତ ରହୁଥିଲେ। ଗତ ୩ ତାରିଖ ଅପରାହ୍ନ ସାଢ଼େ ୧୨ଟାରେ ସେ ଶୋଇଥିବା ସମୟରେ ତାଙ୍କ ମା’ ଘରୁ କେଉଁଆଡ଼େ ପଳାଇ ଯାଇଥିଲେ। ଜ୍ୟୋତ୍ସ୍ନାରାଣୀ ତାଙ୍କ ସମ୍ପର୍କୀୟଙ୍କ ଘରେ, ରେଲୱେ ଷ୍ଟେଶନ ଓ ବସ୍‌ଷ୍ଟାଣ୍ଡ ସମେତ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ମଧ ପାର୍ବତୀବାଳାଙ୍କ କୌଣସି ସନ୍ଧାନ ପାଇ ନ ଥିଲେ। ପରେ ୫ ତାରିଖରେ କେନ୍ଦୁଆପଦା ଫାଣ୍ଡିରେ ଅଭିଯୋଗ କରିଥିଲେ। ସୋମବାର ତାଙ୍କ ମା’ଙ୍କ ମୃତଦେହ କେନ୍ଦୁଆପଦା ରେଲୱେ ଷ୍ଟେଶନଠାରୁ ୩ କି.ମି. ଦୂର ରେଳ ଲାଇନ କଡ଼ରେ ପଡ଼ିଥିବା ସେ ଖବର ପାଇଥିଲେ। ତେବେ ପାର୍ବତୀବାଳାଙ୍କ ମୃତ୍ୟୁର କାରଣ ଜଣାପଡ଼ି ନାହିଁ ବୋଲି ପୋଲିସ କହିଛି।

■ ମିଳିଲାନି କାଳିଆ ଯୋଜନା ଅର୍ଥ

## ନବନିର୍ମାଣ କୃଷକ ସଙ୍ଗଠନର ଧାରଣା



ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଢେଙ୍କାନାଳ ଅଫିସ, ୬।୧**

ନିର୍ବାଚନ ପୂର୍ବରୁ କାଳିଆ ଯୋଜନାରେ ଚାଷୀଙ୍କୁ ଅର୍ଥ ପ୍ରଦାନ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏହାକୁ ପୂରଣ କରିବାରେ ସରକାର ବିଫଳ ହୋଇଛନ୍ତି। ଏହାର ପ୍ରତିବାଦରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ସୋମବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ଯୋଜନାରେ ୭୦ଲକ୍ଷ ଚାଷୀ ଉପକୃତ ହେବେ ବୋଲି ଘୋଷଣା କରାଯାଇଥିଲା। କ୍ଷୁଦ୍ରଚାଷୀ, ନାମମାତ୍ର, ଭୂମିହୀନ ଏଥିରେ ଉପକୃତ ହେବେ ବୋଲି ବ୍ୟାପକ ପ୍ରଚାର କରାଗଲା। କ୍ଷମତାକୁ ଆସିବାର ୨୪ଘଣ୍ଟା ମଧରେ ସମସ୍ତ ଜନଧନ ଆକାଉଣ୍ଟକୁ କାଳିଆ ଟଙ୍କା ଯିବ ବୋଲି ସରକାର କହିଥିଲେ। ଏପରି କି ଯୋଜନାରୁ ଯେପରି କୌଣସି ଚାଷୀ ବଞ୍ଚିତ ନ ହୁଅନ୍ତି ସେଥିଲାଗି ପଦକ୍ଷେପ ନେବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ଚାଷୀମାନେ ଅଦ୍ୟାବଧି କିସ୍ତି ଟଙ୍କା ପାଇନାହାନ୍ତି। ପ୍ରତିଶ୍ରୁତି ମୁତାବକ ଅର୍ଥ ପ୍ରଦାନ କରିବା ପାଇଁ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପୂରଣ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଭାପତି ବିପ୍ରବର ସାହୁ, ସୁବାସ ଚନ୍ଦ୍ର ଶତପଥୀ, ରୋହିତ ମହାକୁଡ଼, ଗୋଲକ ବିହାରୀ ମହାନ୍ତି, ପ୍ରହଲ୍ଲାଦ ସାହୁ, ଯୋଗୀନାଥ ମହାନ୍ତି, ଶଶାଙ୍କ ଶେଖର ରଥ, ଅରବିନ୍ଦ ବରାଳ ପ୍ରମୁଖ ଚେତାବନୀ ଦେଇଛନ୍ତି।

## ସର୍ବଭାରତୀୟ ଧର୍ମଘଟ ଡାକରାକୁ ସମର୍ଥନ

**ଢେଙ୍କାନାଳ ଅଫିସ, ୬।୧**

ରାଷ୍ଟ୍ରାୟତ୍ତ ଉଦ୍ୟୋଗର ଘରୋଇକରଣ, ପୁଞ୍ଜି ପ୍ରତ୍ୟାହାର ଏବଂ ଦରଦାମ୍ ବୃଦ୍ଧି ପ୍ରତିବାଦରେ ବିଭିନ୍ନ ଶ୍ରମିକ ସଙ୍ଗଠନ ପକ୍ଷରୁ ଚଳିତ ୮ ତାରିଖରେ ସର୍ବଭାରତୀୟସ୍ତରରେ ଧର୍ମଘଟ ଡାକରା ଦିଆଯାଇଛି। ୧୦ଦଫା ଦାବି ନେଇ ଓଡ଼ିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଏଥିରେ ସାମିଲ ହେବ ବୋଲି ସୂଚନା ଦେଇଛନ୍ତି ଢେଙ୍କାନାଳ ଜିଲା ସଭାପତି ଅରୁଣ ବଳିଆର ସିଂ। ଖାଲି ପଦବୀରେ ନିଯୁକ୍ତି, ଠିକା କର୍ମଚାରୀଙ୍କୁ ସ୍ଥାୟୀ ମାନ୍ୟତା, ସ୍ୱାସ୍ଥ୍ୟ ବିଭାଗରେ ଆଉଟ୍ ସୋର୍ସିଂ ମାଧମରେ ନିଯୁକ୍ତି ଆଦେଶ ପ୍ରତ୍ୟାହାର, ୨୦୧୬ ଜାନୁୟାରୀରୁ କେନ୍ଦ୍ର ଅନୁରୂପ ସଂଶୋଧିତ ଘରଭଡ଼ା, ୨୦୧୯ ଜୁଲାଇରୁ କେନ୍ଦ୍ର ଅନୁରୂପ ୫% ମହଙ୍ଗା ଭତ୍ତା, ଇଞ୍ଜିନିୟରିଂ ବିଭାଗର ୱାର୍କଚାର୍ଜଙ୍କ ସହ ସମସ୍ତଙ୍କୁ ସ୍ଥିରୀକୃତ ପେନ୍‌ସନ୍ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ଦରବୃଦ୍ଧି ନିୟନ୍ତ୍ରଣ କରିବା ଆଦି ଦାବି ନେଇ ଏହି ବିକ୍ଷୋଭ ଅନୁଷ୍ଠିତ ହେଉଥିବା ସେ ସୂଚନା ଦେଇଛନ୍ତି।

## ଯୁବକଙ୍କ ଆତ୍ମହତ୍ୟା

**କାମାକ୍ଷାନଗର, ୬।୧(ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ଜିରିଡ଼ାମାଳି ଗ୍ରାମର ରଶ୍ମିରଞ୍ଜନ ଦେହୁରୀ (୩୮) ସୋମବାର ସନ୍ଧ୍ୟାରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ଏପରି ଚରମ ନିଷ୍ପତ୍ତି ନେବା ପଛର କାରଣ ଜଣାପଡ଼ିନାହିଁ। ତେବେ ପାରିବାରିକ କହଳରୁ ସେ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଛି। ଏ ନେଇ ନଂ.୨/୨୦୨୦ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ୭ଦଫା ଦାବିରେ ଏଏପିର ବିକ୍ଷୋଭ




ବିକ୍ଷୋଭ ଶୋଭାଯାତ୍ରାରେ ଏଏପି କର୍ମକର୍ତ୍ତା ଏବଂ ସମର୍ଥକମାନେ।

**ଢେଙ୍କାନାଳ ଅଫିସ, ୬।୧**

ଢେଙ୍କାନାଳ ଶାଖା ଆମ୍ ଆଦମୀ ପାର୍ଟି (ଏଏପି) ପକ୍ଷରୁ ୭ଦଫା ଦାବିରେ ସୋମବାର ଜିଲା କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସେସୁକୁ ଟାଟା ହାତରେ ଟେକିଦେବା, ଗରିବଙ୍କ ବକେୟା ବିଦ୍ୟୁତ୍ ବିଲ୍ ଛାଡ଼, ରାଜ୍ୟର ବିଦ୍ୟୁତ୍ ଉପଭୋକ୍ତାଙ୍କୁ ୨୦୦ ୟୁନିଟ୍ ମାଗଣା ବିଦ୍ୟୁତ୍ ଯୋଗାଇଦେବା ଆଦି ଦାବିରେ ଦଳୀୟ ନେତୃବୃନ୍ଦ ଏବଂ ସମର୍ଥକ ଶୋଭାଯାତ୍ରାରେ ଆସି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜାନୁୟାରୀ ୧୫ ମଧରେ ବିଦ୍ୟୁତ୍ ବକେୟା ବିଲ୍ ନ ଦେଲେ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରି ଦିଆଯିବ ବୋଲି ସୂଚନା ଦିଆଯାଇଛି। ଏହାକୁ ତୁରନ୍ତ ପ୍ରତ୍ୟାହାର କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି। ଏ ନେଇ ୭ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଦଳର ଆବାହକ ପଙ୍କଜ କୁମାର ନାୟକଙ୍କ ନେତୃତ୍ୱରେ ରମେଶ ଚନ୍ଦ୍ର ପଣ୍ଡା, ହୃଦାନନ୍ଦ ସାହୁ, ଉପେନ୍ଦ୍ର ସ୍ୱାଇଁ, ନୁରୁଲ ଇସଲାମ୍, ଚକ୍ରଧର ତରାଇ, କାମାକ୍ଷା ବେହେରା, ନିର୍ମଳ ମହାପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବିକ୍ଷୋଭ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

■ ଓଡ଼ିଆ ବିଭାଗ ପକ୍ଷରୁ ଆଲୋଚନାଚକ୍ର

## ‘ଓଡ଼ିଆ ଭାଷାକୁ ସୁଦୃଢ଼ କରିଥିଲା ନବଜାଗରଣ’

**ଢେଙ୍କାନାଳ ଅଫିସ, ୬।୧**

ଉନବିଂଶ ଶତାବ୍ଦୀର ଶିକ୍ଷିତ ଓଡ଼ିଆମାନେ ନବଜାଗରଣ ସୃଷ୍ଟି କରିଥିଲେ। ଏହାର ପ୍ରଭାବରେ ଓଡ଼ିଆ ଭାଷାର ସ୍ଥିତି ସୁଦୃଢ଼ ହୋଇଥିଲା। ପରବର୍ତ୍ତୀ ସମୟରେ ଭାଷାଭିତ୍ତିରେ ଗଠିତ ହୋଇଥିଲା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ। ଏହା ଗଠନ ହେବା ମୂଳରେ ଭାଷା ଆନ୍ଦୋଳନର ସୁଦୂର ପ୍ରସାରୀ ପ୍ରଭାବ ପଡ଼ିଥିଲା ବୋଲି କହିଛନ୍ତି ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ବିଭାଗ ମୁଖ୍ୟ ଅଧାପକ ସୁରେଶ ଚନ୍ଦ୍ର ରାଜହଂସ। ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସୋମବାର ଆୟୋଜିତ ‘ନବ ଜାଗରଣ ଓ ଓଡ଼ିଆ ଭାଷା ଆନ୍ଦୋଳନ’ ସମ୍ପର୍କିତ ଶୀର୍ଷକ ଆଲୋଚନାଚକ୍ରରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସେ ଏହା କହିଛନ୍ତି।




ଢେଙ୍କାନାଳ କଲେଜରେ ଓଡ଼ିଆ ବିଭାଗର ପାଠଚକ୍ର।

ସଂସ୍କୃତ ବିଭାଗ ମୁଖ୍ୟ ପ୍ରାଧାପକ ଡ. ସୁରେନ୍ଦ୍ରନାଥ ଷଡ଼ଙ୍ଗୀ ସାହିତ୍ୟରେ ରସ ନିଷ୍ପତ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଇଂଲିଶ ବିଭାଗ ମୁଖ୍ୟ ପ୍ରାଧାପକ ରଣଜିତ କୁମାର ପ୍ରଧାନଙ୍କ ପୌରୋହିତ୍ୟରେ ଆୟୋଜିତ ପ୍ରଥମ ଅଧିବେଶନକୁ ଓଡ଼ିଆ ବିଭାଗ ମୁଖ୍ୟ ଡ. ରମେଶ ଚନ୍ଦ୍ର ବେହେରା, ପାଠଚକ୍ର ସମ୍ପାଦିକା ରୋଜାଲିନ ମହାପାତ୍ର, ଅଧାପକ ଶୁଭ୍ରକାନ୍ତ ପାଣି ପରିଚାଳନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ରୋଜାଲିନ ମହାପାତ୍ର, ଗୀତାଞ୍ଜଳି ବେହେରା, ଲିପ୍ସରାଣୀ ସାହୁ, ସ୍ୱାଧୀନ ପାତ୍ର, ହରପ୍ରିୟା ବେହେରା, ସୁଦର୍ଶନ ସାହୁ, ଅମିୟ କୁମାର ମିଶ୍ର, ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ବହୁ ଛାତ୍ରୀଛାତ୍ର ସ୍ୱରଚିତ କବିତା ପାଠ କରିଥିଲେ। ଅଧାପିକା ଡ. ରୀନାରାଣୀ ଜେନା ଏଥିରେ ପୌରୋହିତ୍ୟ କରିଥିଲେ। ଅପରାହ୍ନରେ ଅଧାପକ କାଳିନ୍ଦୀ ଚରଣ ମିଶ୍ରଙ୍କ ନିର୍ଦ୍ଦେଶନାରେ ନୃତ୍ୟସଙ୍ଗୀତ ପରିବେଷଣ କରାଯାଇଥିଲା।

ଅନ୍ତିମ ଅଧିବେଶନରେ ସୃଜନଶୀଳ ସାହିତ୍ୟ ପଠନ ଆସର ଅନୁଷ୍ଠିତ ହୋଇଥିଲା। ଏଥିରେ ମାମିନା ଖଟୁଆ, ଜ୍ୟୋତିର୍ମୟୀ ସେଠୀ, ଅନୁପମା ବେହେରା, ଜୟନ୍ତୀ ସାହୁ, ବର୍ଷାରାଣୀ ନାୟକ ପ୍ରମୁଖ ଅଣୁଗଳ୍ପ ଏବଂ କବିତା ପାଠ କରିଥିଲେ। ଓଡ଼ିଆ ଏବଂ ସଂସ୍କୃତ ବିଭାଗର ସମସ୍ତ ଛାତ୍ରୀଛାତ୍ର, ଅଧାପିକା, ଅଧାପକ ଉପସ୍ଥିତ ଥିଲେ। ସନାତନ ବେହେରା, ଇତିଶ୍ରୀ ଇତିସ୍ମିତା, ଜିତେନ୍ଦ୍ର ସାହୁ, ପ୍ରଦୋଷ ଚତାର ପରିଚାଳନାରେ ସହଯୋଗ କରିଥିଲେ।

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ମଙ୍ଗଳବାର, ଜାନୁୟାରୀ ୭ /୨୦୨୦, Dhenkanal, January, Tuesday 7 / 2020





■ ଖେଳିବାକୁ ଯାଇ ୨ ଛାତ୍ର ନିଖୋଜ ଅଭିଯୋଗ

# ଅପହରଣ ମାମଲା ରୁଜୁ

**ଢେଙ୍କାନାଳ ଅଫିସ, ୬।୧**

ଢେଙ୍କାନାଳ ସହର ଗୁଡିଆନାଳୀ ଏବଂ କୁଞ୍ଜକାନ୍ତ ଅଞ୍ଚଳର ଦୁଇଜଣ ଛାତ୍ର ରବିବାରଠାରୁ ନିଖୋଜ ଥିବା ଅଭିଯୋଗ ହୋଇଛି। ସେମାନେ ହେଲେ ଆୟୁଷ୍ମାନ ନାୟକ (୧୪) ଏବଂ ଓମ୍ ପ୍ରକାଶ ପରିଡ଼ା (୧୩)। ଉଭୟେ ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ରବିବାର ସେମାନେ ଦୁଇଟି ସାଇକେଲରେ ଷ୍ଟାଡିୟମକୁ ଖେଳିବାକୁ ଯାଇ ଆଉ ଘରକୁ ଫେରି ନ ଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ସେମାନଙ୍କ କୌଣସି ପତ୍ତା ମିଳୁନାହିଁ। ଏ ନେଇ ପରିବାର ପକ୍ଷରୁ ପୋଲିସ ନିକଟରେ ଅଭିଯୋଗ ହୋଇଛି। ପୋଲିସ ନଂ. ୬/୨୦, ଦଫା ୩୬୩ରେ ଅପହରଣ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆୟୁଷ୍ମାନ ହେଉଛନ୍ତି କୁଞ୍ଜକାନ୍ତ ଅଞ୍ଚଳର ସେସୁରେ କାର୍ଯ୍ୟରତ ସମୀର ନାୟକଙ୍କ ପୁଅ। ସେହିପରି ଓମ୍‌ପ୍ରକାଶ ଗୁଡିଆନାଳୀରେ ରହୁଥିବା ବିପ୍ରବିହାରୀ ପରିଡ଼ାଙ୍କ ପୁଅ ବୋଲି ପୋଲିସ କହିଛି। ଏ ନେଇ ଟାଉନ ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ କୁହନ୍ତି, ନିଖୋଜ ଦୁଇ ପିଲାଙ୍କ ଫଟୋ ସମସ୍ତ ଥାନାକୁ ପଠାଯାଇଛି। ସେମାନଙ୍କ ସମ୍ପର୍କରେ ତଥ୍ୟ ମଧ୍ୟ ଦିଆଯାଇଛି। ପୋଲିସ ପକ୍ଷରୁ ପିଲାଙ୍କୁ ଖୋଜିବାକୁ ଉଦ୍ୟମ ଜାରି ରହିଛି। ଜଣଙ୍କର ସାଇକେଲକୁ ପୋଲିସ ଷ୍ଟାଡିୟମ୍‌ରୁ ଉଦ୍ଧାର କରିଥିବା ସେ ସୂଚନା ଦେଇଛନ୍ତି।


ଆୟୁଷ୍ମାନ।


ଓମ୍‌ପ୍ରକାଶ।

## ଡ୍ରେନ୍‌ରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

**ଢେଙ୍କାନାଳ ଅଫିସ, ୬।୧**

ସ୍ଥାନୀୟ ଦକ୍ଷିଣକାଳୀ ମନ୍ଦିର ନିକଟ ରାସ୍ତାପାର୍ଶ୍ୱରେ ଥିବା ଡ୍ରେନ୍‌ରୁ ସୋମବାର ସକାଳେ ଜଣେ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ଗତିକୃଷ୍ଣ ରଣା (୬୦)। ତାଙ୍କ ଶରୀରର କେତେକ ସ୍ଥାନରେ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଛି। ଗତିକୃଷ୍ଣଙ୍କ ମୃତ୍ୟୁକୁ ନେଇ କଳ୍ପନାଜଳ୍ପନା ପ୍ରକାଶ ପାଇଛି। ସୂଚନା ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ଏ ନେଇ ନଂ.୨/୨୦୨୦ରେ ମାମଲା ରୁଜୁ କରାଯାଇଥିବା ଥାନାଧିକାରୀ ଜ୍ଞାନରଞ୍ଜନ ସାମଲ ସୂଚନା ଦେଇଛନ୍ତି।

# ଓଏଏସ୍ ପରୀକ୍ଷା: ଶାରଦାପ୍ରସନ୍ନଙ୍କୁ ୧୫ ର୍ୟାଙ୍କ

**ଓଡ଼ାପଡ଼ା, ୬।୧(ଡି.ଏନ.ଏ.)**

ଓଡ଼ିଶା ପ୍ରଶାସନିକ ସେବା (ଓଏଏସ୍) ପରୀକ୍ଷାରେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅଧୀନ ଓଡ଼ାପଡ଼ା ଗ୍ରାମର ଶାରଦା ପ୍ରସନ୍ନ ପଣ୍ଡା ସମଗ୍ର ରାଜ୍ୟରେ ୧୫ନଂ. ର୍ୟାଙ୍କରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ସୋମବାର ପରୀକ୍ଷା ଫଳ ପ୍ରକାଶ ପାଇବାପରେ ଆଖପାଖ ଅଞ୍ଚଳରେ ଖୁସିର ଲହରି ଖେଳିଯାଇଛି।

ଜଣେ ମେଧାବୀ ଛାତ୍ର ଭାବେ ଶାରଦା ଅଞ୍ଚଳବାସୀଙ୍କ ମଧ୍ୟରେ ବେଶ୍ ପରିଚିତ। ପିଲାଟି ଦିନରୁ ସେ ପ୍ରଶାସନିକ ସେବାରେ ଯୋଗଦେବାକୁ ଲକ୍ଷ୍ୟ ରଖି ଆଗେଇ ଚାଲିଥିଲେ। ପରୀକ୍ଷାରେ ଭଲ ର୍ୟାଙ୍କ ରଖି ପାସ୍ ହୋଇଥିବା ଜଣାପଡ଼ିବା ପରେ ଶାରଦାଙ୍କ ନିକଟକୁ ଛୁଟିଛି ପ୍ରଶଂସାର ସୁଅ। ଉଲ୍ଲେଖଯୋଗ୍ୟ, ଶାରଦା ହେଉଛନ୍ତି ଓଡ଼ାପଡ଼ା ଗ୍ରାମର ସ୍ୱର୍ଗତ ଶ୍ୱେତ କୁମାର ପଣ୍ଡା ଏବଂ ଜୟନ୍ତୀ ପଣ୍ଡାଙ୍କ ପୁତ୍ର।






# ଡ୍ରେନ୍‌ରେ ପଶିଗଲା ମାଲ୍‌ବାହୀ ଗାଡ଼ି

**ଭୁବନ, ୬।୧(ଡି.ଏନ.ଏ.)**

ଭୁବନ ନୂଆବଜାରଠାରୁ ଢେଙ୍କାନାଳକୁ ସଂଯୋଗ କରୁଥିବା ପୂର୍ତ୍ତ ବିଭାଗ ରାସ୍ତା ପାର୍ଶ୍ୱରେ ଥିବା ଡ୍ରେନ୍‌ରେ ସୋମବାର ସକାଳେ ଏକ ମାଲବାହୀ ଟ୍ରକ୍ ଭାରସାମ୍ୟ ହରାଇ ପଶିଯାଇଥିଲା। ଏଥିରୁ ସ୍କୁଲ ଯାଉଥିବା ଦୁଇଜଣ ଛାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଏହି ବ୍ୟସ୍ତବହୁଳ ରାସ୍ତା କଡ଼ରେ ବିଭିନ୍ନ ଶିକ୍ଷାନୁଷ୍ଠାନ ରହିଛି। ହେଲେ ଦିନରାତି ଭାରିଯାନ ଚଳାଚଳ ଯୋଗୁ ପିଲାମାନେ ବିପଦସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି। ଅନେକ ସମୟରେ ଦୁର୍ଘଟଣା ଘଟି ଜୀବନହାନି ହୋଇଥିବା ନଜିର ମଧ୍ୟ ରହିଛି। ତେଣୁ ସକାଳ ଏବଂ ଅପରାହ୍ନରେ ଭାରିଯାନ ଚଳାଚଳ ବନ୍ଦ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।








Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ